ନାଁ ରହିଛି କାଳକାଳକୁ

ଡ. ହେମନ୍ତ କୁମାର ଛୋଟରାୟ

Digitized by PPRACHIN, SOA

ନାଁ ରହିଛି କାଳକାଳକୁ

(ଶିଶୁ ଏକାଙ୍କିକା ସଂକଳନ)

ଡକ୍ଟର ହେମନ୍ତ କୁମାର ଛୋଟରାୟ

ବିବେକ
ନାଗାବଗିଚା, ମଧୁବନ
ପୁରୀ - ୨

Digitized by PPRACHIN, SOA

ନାଁ ରହିଛି କାଳକାଳକୁ
(ଶିଶୁ ଏକାଙ୍କିକା ସଂକଳନ)
ଲେଖକ :
ଡକ୍ଟର ହେମନ୍ତ କୁମାର ଛୋଟରାୟ
ନାଗାବଗିଚା, ପ୍ରଥମଗଳି, ମଧୁବନ
ପୁରୀ - ୭୫୨୦୦୨

ପ୍ରକାଶିକା :
ଶ୍ରୀମତୀ ନିର୍ମଳା ଫତେସିଂହ
ବିବେକ, ନାଗାବଗିଚା,
ମଧୁବନ, ପୁରୀ -୨

ଅକ୍ଷରସଜ୍ଜା :
ପି.ଏମ୍.କମ୍ପ୍ୟୁଟର୍ସ,
ସର୍ବୋଦୟ ନଗର, ପୁରୀ-୨

ପ୍ରଚ୍ଛଦ ଓ ଅଳଙ୍କରଣ :
ଅଜୟ କୁମାର ପଣ୍ଡା
ଘୋରଡ଼ିଆ, ପୁରୀ

ମୁଦ୍ରଣ :
ଡୁଡୁଲି ପ୍ରୋସେସ୍ ଏଣ୍ଡ ଅଫ୍‌ସେଟ୍,
ଭୁବନେଶ୍ୱର

ପ୍ରଥମ ପ୍ରକାଶ : ୨୦୧୦

ମୂଲ୍ୟ : ୩୫/-

NAA RAHICHI KALAKALAKU
(Children's One-act play collection)

Writer:
Dr. Hemanta Kumar Chhotaray
Naga Bagicha, Ist Lane, Madhuban
Puri - 752002

Publisher:
Smt. Nirmala Fatesingh
VIVEK, Nagabagicha
Madhuban, Puri - 2

D.T.P. :
P.M.Computers,
Sarbodaya Nagar, Puri

Cover design & Art :
Ajaya Kumar Panda,
Ghoradia, Puri

Printed at :
Duduly Process & Offset,
Bhubaneswar

First Edition : 2010

Price : 35/-

Digitized by PPRACHIN, SOA

ଶିକ୍ଷକମାନଙ୍କ ନିକଟରେ ମୁଁ ଋଣୀ । ମୋତେ ଉଚ୍ଚଶିକ୍ଷିତ କରାଇବାରେ ସେମାନଙ୍କ ଭୂମିକା ଅବର୍ଣ୍ଣନୀୟ ।

ମୋ ପରିବାର - ଏକ ଶିକ୍ଷକ ପରିବାର । ଶିକ୍ଷକତା କରିବା ପାଇଁ ଇଚ୍ଛା ଥିଲେହେଁ, ପରିସ୍ଥିତି ଅନ୍ୟ ଦିଗକୁ ଟାଣିନେଲା । ଶିକ୍ଷା ବିଭାଗ ଅଧୀନରେ ପ୍ରାଥମିକ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଏକ ସରକାରୀ ସଂସ୍ଥାରେ କାର୍ଯ୍ୟରତ ହୋଇ ଶିକ୍ଷାର ସେବା କରୁଥିବାରୁ - ମୁଁ ସନ୍ତୁଷ୍ଟ । ଶିଶୁ-କିଶୋରମାନଙ୍କ ପାଇଁ ଲେଖନୀ ଚାଳନା କରି ମୁଁ ମଧ୍ୟ ଯଥେଷ୍ଟ ଆନନ୍ଦ ପାଉଛି ।

ମୋତେ ଶିକ୍ଷାଦାନ କରିଥିବା ମୋର ନମସ୍ୟ ଶିକ୍ଷକ, ଆତ୍ମୀୟ-ସ୍ୱଜନମାନେ ଯେଉଁମାନେ ଶିଶୁ-କିଶୋରଙ୍କ ଶିକ୍ଷାଦାନରେ ନିୟୋଜିତ, ବନ୍ଧୁ ଶ୍ରୀଯୁକ୍ତ ସୁଶାନ୍ତ କୁମାର ପେଣ୍ଡୋଇ (ଶିକ୍ଷକ)ଙ୍କ ସମେତ ପରିଚିତ ଅନ୍ୟ ସମସ୍ତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏହି ପୁସ୍ତକ "ନାଁ ରହିଛି କାଳକାଳକୁ" ଉତ୍ସର୍ଗ କରୁଛି ।

- ଲେଖକ

Digitized by PPRACHIN, SOA

ଏଥିରେ ଅଛି...

- ନାଁ ରହିଛି କାଳକାଳକୁ
- ଉପାସନା
- ଗଙ୍ଗାସ୍ନାନ
- ବନ୍ଧୁମହାନ୍ତି
- ସୁନାପିଲା ଆମ ସାନନାତି
- ମହାଯୋଗୀଙ୍କ ବିଚାର

Digitized by PPRACHIN, SOA

ନାଁ ରହିଛି କାଳକାଳକୁ

ପ୍ରଥମ ଦୃଶ୍ୟ

[ପରଦା ଖୋଲିଛି । ମଞ୍ଚରେ ଦେଖାଯାଇଛି ଗୋଟିଏ ଗାଁର ଦୃଶ୍ୟ । ଗାଁ ଶେଷକୁ ଗୋଟିଏ ପିଣ୍ଡାରେ ବସିଛନ୍ତି ୧୦ / ୧୨ଜଣ ପିଲା । ପିଲାମାନେ ଗପସପରେ ବ୍ୟସ୍ତ ଥିଲେ । ଏତିକିବେଳେ ଆଈବୁଢ଼ୀ ଆସି ପହଞ୍ଚିଗଲେ ।]

ସମସ୍ତେ (ଏକ ସ୍ୱରରେ) ଆଈମା' ନମସ୍କାର ।

ଆଈମା ନମସ୍କାର । ହଉ ହେଲା, ତମମାନଙ୍କ ନମସ୍କାର ମୁଁ ଗ୍ରହଣ କଲି । ଏବେ ତମେ ସବୁ ଚୁପ୍ ହୋଇ ବସ । ଏତେ ଗହଳି କାହିଁକି କରୁଛ ?

ସୁମନ୍ତ ଆଈମା ଆମର ପରୀକ୍ଷା ସରିଯାଇଛି । ଆମେ ଆଜି ଖୁସିଅଛୁ ।

ଆଈମା ଆରେ ପରୀକ୍ଷା କ'ଣ ଜୀବନରେ ଶେଷ ହୁଏ । ସ୍କୁଲ ଖୋଲିଲେ କିଛିଦିନ ଯାଇଥିବ କି ନାହିଁ ଆଉ ଗୋଟିଏ ପରୀକ୍ଷା ଆସିଯିବ । ଏମିତି ପରୀକ୍ଷା ପରେ ପରୀକ୍ଷା ଚାଲିଥିବ ।

ହରି ଏଇ କିଛିଦିନ ତ ଆମେ ଆରାମ କରିପାରିବୁ । ଖୁସି ମନରେ ବୁଲି ପାରିବୁ ।

ଆଈମା ଠିକ୍ ଅଛି ଯେ, କହିଲ ଦେଖି, ପରୀକ୍ଷାରେ ସବୁ ଭଲ କରିଛଟି ?

ସମସ୍ତେ (ଏକ ସ୍ୱରରେ) ହଁ, ଭଲ କରିଛୁ ଆଈମା ।

ଆଈମା ପ୍ରଭୁ କାଳିଆ ଠାକୁର ତମମାନଙ୍କୁ ଆଶିଷ ଦିଅନ୍ତୁ । ତମେମାନେ ଉଚ୍ଚ ଶିକ୍ଷିତ ହୋଇ ପରିବାରର ଆଉ ଗାଁର ନାଁ ରଖ ।

ଯଦୁ : ଆଈମା, ଏଇ ଗୀତା ନା ମୋଠୁ ସବୁ କପି କରି ଲେଖିଛି ।

ଆଈମା ଛି ଗୀତା, ସେମିତି କେବେ କରିବୁ ନାହିଁ । କପି କରିବା ମହାପାପ । ଏଠି ସିନା କପି କରି ପାଶ୍ କରିଯିବୁ, ହେଲେ ବଡ଼ ବଡ଼ ପରୀକ୍ଷାରେ ତୁ ହାରିଯିବୁ ଲୋ ମା' । ସେ ଅଭ୍ୟାସ ଭଲ ନୁହେଁ ।

ଗୀତା ମୋର ମନେ ପଡ଼ିଲାନାହିଁ କେତୋଟି ପ୍ରଶ୍ନର ଉତ୍ତର । ସେଥିପାଇଁ ତା'ଠୁ ଦେଖି ଲେଖିଦେଲି ।

Digitized by PPRACHIN, SOA

ଆଈମା	ଏଇଟା ଠିକ୍ ନୁହେଁ । କାଳିଆ ଠାକୁରଙ୍କ ନାଁରେ ଶପଥ କର । ଭବିଷ୍ୟତରେ କେବେବି ସେମିତି କରିବୁ ନାହିଁ ।

ଗୀତା	(ଠିଆ ହୋଇ) ମୁଁ କାଳିଆ ଠାକୁରଙ୍କ ନାଁରେ ଶପଥ କରି କହୁଛି, ଭବିଷ୍ୟତରେ କେବେବି କପି କରିବି ନାହିଁ । ପରୀକ୍ଷାରେ ମନରୁ ଲେଖିବି ।

ଆଈମା	ହେଲା ହେଲା, ଏଥର ଗୀତା ତୁ ବସ । ପିଲାମାନେ କପି କରିବା ଭଲକଥା ନୁହେଁ । ଆଜିଠୁ ମନେରଖ, ପରୀକ୍ଷାରେ କେହି କପି କରିବନାହିଁ । ମନଦେଇ ପାଠ ପଢ଼ିବ । ମନଦେଇ ପାଠ ପଢ଼ିଲେ ଯେତେ କଷ୍ଟ ପାଠ ହେଲେବି ସହଜ ଲାଗିବ । ପରୀକ୍ଷା ବେଳକୁ ଠିକ୍ ମନେପଡ଼ିଯିବ ।

ସମସ୍ତେ	(ଏକ ସ୍ୱରରେ) ହଁ ଆଈମା, ଆମେ ତମ କଥା ମାନି ଆଉ କେବେବି କପି କରିବୁ ନାହିଁ ।

ଆଈମା	ସାବାସ୍

ସୁମନ୍ତ	ଆଜି ଗୋଟିଏ ବଡ଼ କଥା କହ ଆଈମା । ଆମେ ବହୁତ ସମୟ ବସି ଶୁଣିବୁ । ସେଥିପାଇଁ ପରୀକ୍ଷା ସରିବା କଥା କହୁଥିଲୁ ।

ଆଈମା	ଓହୋ, ସେଥିପାଇଁ କହୁଥିଲ । ତେବେ ଠିକ୍ ଅଛି, ସମସ୍ତେ ମନଦେଇ ଶୁଣ । ଆଜି ଗୋଟିଏ ବଢ଼ିଆ କଥା କହିବି । ଆମ ରାଇଜର ପିଲାଟିଏ । ତାକୁ ହୋଇଥିଲା ବାର ବରଷ । ସେ କେମିତି ମହାନ୍ କାମଟିଏ କରିଛି, ସେଇକଥା ଶୁଣ ।

ଯଦୁ :	ହଁ ହଁ ଆଈମା । ସେଇ ବାର ବରଷର ପିଲାଟି କଥା କହ, ଆମେ ଶୁଣିବୁ ।

ଆଈମା	ଶୁଣ ପିଲାମାନେ । ଆମ ରାଇଜର ଜଣେ ରାଜା ଥିଲେ । ତାଙ୍କ ନାଁ ନରସିଂହ ଦେବ । ସେ ଇଚ୍ଛା କଲେ ଗୋଟିଏ ମନ୍ଦିର ତୋଳିବେ । ମନ୍ଦିରରେ ପୂଜା ପାଇବେ ସୂର୍ଯ୍ୟ ଦେବତା । ଏମିତି କାରିଗରୀ କୌଶଳରେ ତୋଳା ହେବ ସେ ମନ୍ଦିର ଯେ, ସାରା ଜଗତର ଲୋକେ ତାକୁ ଦେଖି ଆଶ୍ଚର୍ଯ୍ୟ ହେବେ । ସେଥିପାଇଁ ବାଛି ବାଛି ବାରଶହ କାରିଗରଙ୍କୁ ଆଣି କାମରେ ଲଗେଇଲେ । କାମ ଚାଲିଲା । ଶେଷରେ ଘଟିଲା ଗୋଟିଏ ଘଟଣା । (ସମସ୍ତେ ସେଇ ଅବସ୍ଥାରେ ଥିଲେ, ମଞ୍ଚ ଅନ୍ଧାର ହେଲା ।)

ଦ୍ୱିତୀୟ ଦୃଶ୍ୟ

[ଆଲୋକ ଆସିଛି । ମଞ୍ଚରେ ଦେଖାଯାଇଛି ଗୋଟିଏ ଚାଳ ଘର । ଘର ବାରଣ୍ଡାରେ ବସିଛି ବାର ବର୍ଷର ବାଳକ ଧର୍ମପଦ । ତାକୁ ସମସ୍ତେ ଧରମା ଡାକନ୍ତି । ଧରମାର ମନ ଦୁଃଖ ଥିଲାପରି ଜଣାଯାଉଛି । ଏତିକିବେଳେ ତା ବୋଉ ଆସି ପହଞ୍ଚିଲେ ।]

ବୋଉ	ଆରେ ମୋ ଧନ ! ଏଠି ଏମିତି ବସିଛୁ କାହିଁକି ? କେତେବେଳୁ ଆସିଲୁଣି ?

ଧରମା	(ନୀରବ)

ବୋଉ	ପାଠ ପଢ଼ା ସାରି ଚାଟଶାଳୀରୁ ଫେରିଲୁ । ସବୁଦିନ ଫେରିଲେ ଆଗ ମୋ ପାଖକୁ ଯାଇ ଖାଇବାକୁ ମାଗୁ । ଆଜି ତୋର କ'ଣ ହୋଇଛି ? ଏମିତି ମନ ମାରି କାହିଁ ବସିଛୁ ? କିଏ ତତେ କ'ଣ କହିଛିକିରେ ଧନ ? ଅବଧାନେ ତତେ ମାରିଛନ୍ତି କି ?

Digitized by PPRACHIN, SOA

ଧରମା ନା ବୋଉ, ଅବଧାନେ ମୋତେ ମାରିବେ କାହିଁକି ? ମୁଁ ତ ପାଠ ପଢ଼ାରେ ହେଳା କରେନାହିଁ ।

ବୋଉ ଆଉ ତାହେଲେ ତୋ ସାଙ୍ଗପିଲା କିଏ ଗାଳି ଦେଇଛିକିରେ ?

ଧରମା (କାନ୍ଦ କାନ୍ଦ ହୋଇଛି)

ବୋଉ ମୋ ଧନଟା ପରା । (ଲୁଗା କାନିରେ ଧରମାର ମୁହଁ ପୋଛିଛନ୍ତି) କେତେ ଦିଅଁ ଦେବତା ପୂଜା କରି ତତେ ପାଇଛି । ତୋ ଆଖିରେ ଲୁହ ଦେଖିଲେ ମୋ ଛାତି ଫାଟିଯାଏ । କ'ଣ ହୋଇଛି, କଥାଟା ଫିଟେଇ କହରେ ଧନ ।

ଧରମା ଶୁଣିବୁ ବୋଉ ?

ବୋଉ ହଁ ରେ ଧନ, କ'ଣ ହୋଇଛି ମୋତେ କହ । ତୋ ଆଖିର ଲୁହ ମୁଁ ଜମା ସହି ପାରୁନି ।

ଧରମା ତୁ ଆଗ କହିଲୁ, ମୋର ବାପା କିଏ ?

ବୋଉ (ଚମକି ପଡ଼ି) କ'ଣ କହିଲୁ ?

ଧରମା ହଁ ବୋଉ, ତୁ ଆଜି ସତକଥା କହ – ମୋର କ'ଣ ବାପା ନାହାଁନ୍ତି ?

ବୋଉ ଅଛନ୍ତି । ହେଲେ ଆଜିଯାଏଁ କେବେ ତୁ ଏକଥା ପଚାରିନଥିଲୁ । ଆଜି କାହିଁକି ଏକଥା ପଚାରୁଛୁ, କହିଲୁ ?

ଧରମା ଆଜି ଚାଟଶାଳୀରେ ମୁଁ ପାଠ ପଢୁଥିଲି, ହାତରୁ ଖଡ଼ିଟା ଖସିଗଲା । ସାଥୀପିଲା ଜଣକୁ କହିଲି, ଭାଇ ମୋ ଖଡ଼ି ବଢ଼େଇ ଦିଅତ । ତାହୁଁ ତାହୁଁ ସେ କ'ଣ କହିଲା ଜାଣିଛୁ ?

ବୋଉ କ'ଣ କହିଲା ?

ଧରମା କହିଲା, ତୁ ଟା ଅଣବାପୁଅ । ଭାଇ ଡାକି ମୋତେ ଆଦେଶ ଦେଉଛୁ । ଭାରି ତ ସାହସ । ମୋତେ ବାରମ୍ବାର ଅଣବାପୁଅ କହି ଅପମାନ ଦେଲା । ତା'କଥା ଶୁଣି ସବୁଯାକ ପିଲା ଠୋ ଠୋ ହସିଲେ ।

ବୋଉ କିଏ ସେ ପିଲା ? କାହାର ଏତେ ସାହସ । ତା'ରି ଏକୁଟିଆ ବାପ ଅଛି, ଆଉ ମୋ ଧରମାର ନାହିଁ ।

ଧରମା ତା' ନାଁ ଶୁଣି ତୁ କ'ଣ ଲାଭ ପାଇବୁ କହିଲୁ ?

ବୋଉ ତୁ ଠିକ୍ କଥା କହିଛୁ ରେ ଧନ । ସିଏ ଅଜ୍ଞାନ ବାଳକ । ତା'ର ବା ଦୋଷ କ'ଣ ? ତୋର ସିନା କପାଳ ଛୋଟ ଯେ, ଜନମ ହେଲା ଦିନୁ ବାପ ମୁହଁ ଦେଖିନୁ ।

ଧରମା ସତରେ ବୋଉ, ମୋର ବାପା ଅଛନ୍ତି ?

Digitized by PPRACHIN, SOA

ବୋଉ   ହଁ ରେ ପୁଅ । ତୁ ଅଣବାପୁଆ ନୁହଁ । ତୋର ବାପା ଅଛନ୍ତି ।

ଧରମା   କହ ବୋଉ, ମୋର ବାପା ଯଦି ଅଛନ୍ତି - ସେ ଘରକୁ ଆସୁନାହାଁନ୍ତି କାହିଁକି ? କେଉଁଠି ରହୁଛନ୍ତି ? ତାଙ୍କ ନାଁ କ'ଣ ?

ବୋଉ   ଶୁଣ ତାହାଲେ, କହୁଛି ସବୁ କଥା । ଦିନେ ହଠାତ୍ ଆମ ଗାଁକୁ ଡେଙ୍ଗୁରାବାଲା ଆସି ଡେଙ୍ଗୁରା ବାଡ଼େଇଲା ।

(ମଞ୍ଚରେ ଧରମା ଓ ବୋଉ ସ୍ଥିର ରହିଛନ୍ତି । ଜଣେ ଡେଙ୍ଗୁରାବାଲା ଆସି ଡେଙ୍ଗୁରା ବାଡ଼େଇଛି ।)



ଡେଙ୍ଗୁରାବାଲା : ଶୁଣ..ଶୁଣ..ଶୁଣ । ଗଜପତି ମହାରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଆଦେଶ । ସମୁଦ୍ରକୂଳ ଚନ୍ଦ୍ରଭାଗା ନଦୀମୁହାଣରେ ଗୋଟିଏ ଦେଉଳ ତୋଳା ହେବ । ସେଥିରେ ସୂରୁଜ ଦେବତା ପୂଜା ପାଇବେ । ରଥ ସରଗକୁ ଗଲା ପରି ଦେଉଳରେ ଚକ ଆଉ ଘୋଡା ଲାଗିବ । ଏମିତି କଳା କଉଶଳରେ ଗଢ଼ା ହେବଯେ ସାରା ଜଗତ ଲୋକ ଦେଖି ତାଟକା ହେବେ । ଏହା ଗୋଟିଏ ଗଡ଼ ଭଳି ଜଳପଥ ର ବଇରୀମାନଙ୍କୁ ଓଗାଳିବ । ଏ ଗାଁର ସମସ୍ତ କାରିଗରମାନେ ଏକାଠି ହୋଇ କାଲିଠାରୁ ଚନ୍ଦ୍ରଭାଗା କୂଳରେ ପହଞ୍ଚିବାକୁ ରାଜାଦେଶ ହୋଇଛି । ଏକଥାକୁ ଅମାନିଆ ହେଲେ ମୁଣ୍ଡ କାଟ ହେବ । ଶୁଣ..ଶୁଣ..ଶୁଣ.. ।(ଚାଲିଯାଇଛି)

ବୋଉ   ତା'ପରେ ଗାଁର ସବୁ କାରିଗରମାନେ ଏକାଠି ହେଲେ । ତୋ ବାପା ହେଲେ ତାଙ୍କର ଦଳପତି । ରାଜାଙ୍କ ଆଦେଶ ମାନି ଦେଉଳ ତୋଳିବାକୁ ଗଲେ । ତୁ ସେତେବେଳେ ମୋ ପେଟରେ । ସେ ଯାଇଛନ୍ତି ଯେ ଯାଇଛନ୍ତି । ଆସି ବାର ବରଷ ହେଲାଣି ଫେରି ନାହାଁନ୍ତି । ତୋ ବାପା ଧରମ ଦେବତାଙ୍କ ଦେଉଳ ତୋଳିବାକୁ ଯାଇଛନ୍ତି ବୋଲି ମୁଁ ତୋ ନାଁ ରଖିଛି ଧରମପଦ ।

ଧରମା : ବାପାଙ୍କୁ ଦେଖିବାକୁ ମୋର ଇଚ୍ଛା ହେଉଛି ବୋଉ । ମୁଁ ତାଙ୍କ ପାଖକୁ ଯିବି । ଦେଉଳ ତୋଳା ଦେଖିବି । ବାପାଙ୍କ ଭଲ-ମନ୍ଦ ବୁଝି ଫେରିଆସିବି ।

Digitized by PPRACHIN, SOA

ବୋଉ ନାଇଁରେ ଧନ, ତତେ ନିମିଷେ ଛାଡ଼ି ମୁଁ ରହିପାରିବିନି । ତୋ ବାପା ଦେଉଳ ତୋଳି ଗଲାଦିନରୁ ମୋ ଦେହରୁ ରକତ ଶୁଖିଯାଇଛି । ଖାଲି ତୋରି ମୁହଁକୁ ଚାହିଁ ଯାହା ବଞ୍ଚିରହିଛି । ତତେ ଛାଡି ରହିବି କେମିତି କହିଲୁ ?

ଧରମା ଦେଖ ବୋଉ, ମୁଁ ହେଲି ଶିଳ୍ପୀ କୁଳର ପୁଅ । ଘରେ ଆମର ଯେତେ ପୋଥି ଅଛି, ତାକୁ ପଢ଼ି କାରିଗରୀ ବିଷୟରେ ଅନେକ କଥା ଜାଣିଛି । ସେ ଦେଉଳ ତୋଳା ଦେଖିବାକୁ ମୋର ଭାରି ଇଚ୍ଛା । ସେଠିକି ଗଲେ ବାପାଙ୍କୁ ଦେଖିବି ଆଉ ଦେଉଳର କଳା କୌଶଳ ବିଷୟରେ ଜାଣିପାରିବି । ଚନ୍ଦ୍ରଭାଗାରେ ସ୍ନାନ କରି ସୂର୍ଯ୍ୟ ଉଦୟ ଦେଖିବି ।

ବୋଉ ସେଇ କାରିଗରୀ କଥା ତୁ ଆଉ ତୁଣ୍ଡରେ ଧରନା । ଏ ରାଇଜର ସବୁ କୀରତି ତୋ ବଂଅଶର । ତୋ ବଂଅଶ ଲୋକେ ପୁରୀ ଦେଉଳଠୁ ଆରମ୍ଭ କରି ବାରବାଟୀ ଯାଏଁ ସବୁ ଗଢ଼ିଛନ୍ତି । ହେଲେ ରାଜା ଗୋଜା । ଯୋଉ କାରିଗରମାନେ ଏତେ କାମ କରନ୍ତି ସେମାନଙ୍କ ଦୁଃଖ ସେ ବୁଝନ୍ତି ନାହିଁ ।

ଧରମା ହେଲେ କ'ଣ ହେଲା, କୀରତି ଯେତେଦିନ ଯାଏଁ ଥିବ, କାରିଗରର ନାଁ ସେତେଦିନ ଯାଏଁ ଥିବ ।

ବୋଉ ସେ ନାଁରୁ ମୋତେ କ'ଣ ମିଳିବ କହିଲୁ । ଜାଣିଛୁ ତୋ ଜେଜେ ଯାଇଥିଲେ ବାରବାଟୀ ଦୁରୁଗ କାମରେ । ଯଥା ସମୟରେ କାମ ତୁଟିଲା ନାହିଁ । ରାଜା ତାଙ୍କୁ ଅଟକ ରଖିଲେ । ସେଇଠି ରହି ତାଙ୍କର ଜୀବନ ଚାଲିଗଲା । ସେଇ ଦୁଃଖରେ ତୋ ଜେଜେମା ଆଧାର ଛାଡ଼ି ଦେଇଥିଲେ । କିଛି ଦିନ ଯାଇଛି ସେ ବି ଚାଲିଗଲେ । ମତେ ସେଥିପାଇଁ ଡର ଲାଗୁଛିରେ ପୁଅ ।

ଧରମା ଶିଳ୍ପୀ ଘରର ନାରୀ ତୁ । ଏମିତି ଡରିଲେ ଚଳିବ । ମତେ ଚନ୍ଦ୍ରଭାଗା କୂଳକୁ ଯିବାକୁ ଦେ ବୋଉ ।

ବୋଉ ତୁ ମୋ ଅନ୍ଧ ଲଉଡ଼ି । ମୋ ଜୀବନ ବୋଇତର ଆହୁଲା । ଅନ୍ଧାର ଘରେ ତୁ ମୋ ପାଇଁ ଜଳିଲା ଦୀପ । ତତେ ସେଠିକି ଛାଡ଼ିଦେବାକୁ ମୋ ମନ ବଳୁନାହିଁରେ ଧନ ।

ଧରମା ତୁ ମୋତେ ବାରଣ କରନା ବୋଉ । ଦେଖିବୁ ମା'ଜାଗୁଳାଇଙ୍କ କରୁଣାରୁ ମୋର କିଛି ଅସୁବିଧା ହେବନାହିଁ ।

ବୋଉ ହଉ ଚାହୁଁଛୁ ଯଦି ଯାଆ । ତତେ ଦେଖିଲେ ବାପା ଖୁସି ହେବେ । (ଖଡ଼ିଟିଏ ଆଣି ମାଟିରେ ବାପାଙ୍କ ନାଁ ଲେଖିଦେଲେ) ଏଇ ହେଉଛି ତୋ ବାପାଙ୍କ ନାଁ ।

ଧରମା ଏବେତ ବାପାଙ୍କ ନାଁ ଜାଣିଲି । ହେଲେ ବୋଉ, ମତେ ବାପା ଚିହ୍ନିବେ କେମିତି ?

ବୋଉ ଆମ ବାଡ଼ିର ସୁଆଦିଆ ବରକୋଳିରେ ତାଙ୍କର ଭାରି ଶରଧା । ତୁ ବରକୋଳି କିଛି ସାଙ୍ଗରେ ନେଇକି ଯା । ଦେଖିବୁ ସେ ତତେ ଚିହ୍ନିଯିବେ । ତୁ ତୋ ବାପ ନାଁ ଆଉ ଗାଁ ନାଁ କହିବୁ ।

ଧରମା ହଉ ଠିକ୍ ଅଛି, ବୋଉ ତୁ ଆସିଲୁ । ଗଣ୍ଠିଲିରେ ବାଡ଼ି ବରକୋଳି ଆଉ କିଛି ଖାଇବା ଜିନିଷ ବାନ୍ଧିଦେବୁ । ରାତି ଥାଇ ବାହାରି ପଡ଼ିବି । ବହୁତ ଦୂର ଯିବାକୁ ପଡ଼ିବ । (ଦୁହେଁ ଯାଇଛନ୍ତି)

– ଅନ୍ଧାର –

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ଚନ୍ଦ୍ରଭାଗା ନଦୀ କୂଳ । ସବୁ କାରିଗରମାନେ ଦେଉଳତୋଳା କାମରେ ଲାଗି ପଡ଼ିଛନ୍ତି । ଧରମା ସେଠାରେ ପହଞ୍ଚି, ତା'ର ବାପାଙ୍କୁ ଖୋଜିଛି ।]

ଧରମା (ଏଠିକି ସେଠିକି ଯାଇ) ଏତେ ଲୋକ ଏଠି । ମୁଁ କେମିତି ମୋ ବାପାଙ୍କୁ ଚିହ୍ନିବି ଜାଣିପାରୁନାହିଁ । ବୋଉ କହିଥିଲା ବାପାଙ୍କର ବାଡ଼ି ବରକୋଳିରେ ଶରଧା । ଯାଉଛି ବରକୋଳି ବିକିବି । (ଗଣ୍ଠିଲି ଫିଟାଇ ବସି ବରକୋଳି ବିକିଛି) ବରକୋଳି ନେବ... ବରକୋଳି...

ବିଶୁ : (କାମ ଛାଡ଼ି ଆସିଛନ୍ତି) ଆମ ବାଡ଼ିରେ ଏବେ ମିଠା ବରକୋଳି ଫଳିଥିବ । ବାବୁରେ ଭାରି ସୁନ୍ଦର ବରକୋଳିତ ଆଣିଛୁ । ଦେଖି ଗୋଟେ ଦେଲୁ ଚାଖିବା ।

ଧରମା ନିଅନ୍ତୁ ଗୋଟେ । (ପାଚିଲା ବରକୋଳି ବଢ଼େଇଛି)

ବିଶୁ : (ପାଟିରେ ପକେଇ) ଏ ବରକୋଳି ଭାରି ସୁଆଦିଆ ହେଇଛି, ଆମ ବାଡ଼ି ବରକୋଳି ପରି ଲାଗୁଛି । କହିଲୁ ଦେଖି, ଏ କୋଳି ତୁ କୋଉଠୁ ଆଣିଛୁ ?



ଧରମା ଇଏତ ଆମ ବାଡ଼ି ବରକୋଳି ।

ବିଶୁ : ତମ ବାଡ଼ି ? ଆଚ୍ଛା, ତୁ କୋଉ ଗାଁର ପିଲା କହିଲୁ ?

ଧରମା ଓଷଲଙ୍ଗ ଗାଁର ।

ବିଶୁ : (ଆଶ୍ଚର୍ଯ୍ୟ ହୋଇ) ଓଷଲଙ୍ଗ ? ତୁ କାହା ପୁଅ ?

ଧରମା ମୋ ବାପାଙ୍କ ନାଁ ବିଶୁ ମହାରଣା ।

ବିଶୁ : (ଚମକି ପଡ଼ିଛନ୍ତି) ଏଁ... ।

ଧରମା ସେ ଏଠିକି ଆସିଛନ୍ତି ଦେଉଳ ତୋଳିବାକୁ ।

ବିଶୁ : (ଚିନ୍ତା କରିଛନ୍ତି) ଇଏ ତାହେଲେ ମୋ ପୁଅ । ଆଚ୍ଛା କହିଲୁ ଧନ, ତୋ ନାଁ କ'ଣ ?

ଧରମା ମୋ ନାଁ ଧର୍ମପଦ । ମୁଁ ପେଟରେ ଥିଲି, ଧର୍ମ ଦେବତାଙ୍କ ଦେଉଳ ତୋଳିବାକୁ ବାପା ଆସିଥିବାରୁ ବୋଉ ମୋ ନାଁ ଧର୍ମପଦ ଦେଇଛି ।

ବିଶୁ : (ଖୁସିରେ) ତୁ ମୋ ପୁଅ ଧରମା । ମୁଁ ତୋର ବାପା ବିଶୁ ମହାରଣା ।

ଧରମା ବାପା, ମୁଁ ତମକୁ ପାଇଗଲି । ମୋର ପ୍ରଣାମ ଗ୍ରହଣ କରନ୍ତୁ । (ପାଦ ଛୁଇଁଛି)

Digitized by PPRACHIN, SOA

ବିଶୁ : (ଧରମାକୁ କୋଳାଗ୍ରତ କଲେ । ବାପ-ପୁଅ ମିଳନରେ ଉଭୟେ ଭାବ ବିହ୍ୱଳ ହୋଇପଡ଼ିଛନ୍ତି) । ତୁ ଏତେବଡ଼ ହେଲୁଣି । ତତେ ଦେଖିବାକୁ ମୋ ମନ ଉଛନ୍ନ ହେଉଥିଲା । ଦେଉଳତୋଳା କାମରେ ଆସି ବାର ବରଷ ହେଲା ଏଠି ରହିଛି । ତତେ ଦେଖିବି ବୋଲି ମୋର ଆଶା ନଥିଲା । ଆଚ୍ଛା କହିଲୁ, ବୋଉ କେମିତି ଅଛି ?

ଧରମା ଦିନ ରାତି ଖାଲି ତମରି କଥା ଭାବୁଛି ।

ବିଶୁ : ବଞ୍ଚି ରହିଲେ ଯାଇ ତୋ ବୋଉକୁ ଦେଖିପାରିବି, ନ ହେଲେ...

ଧରମା ନ ହେଲେ ? .....ଏମିତି କଥା ତୁଣ୍ଡରେ ଧରିଲ କାହିଁକି ବାପା ?

ବିଶୁ : କ'ଣ କହିବି ସେକଥା । ଆମେ ବଡ଼ ଚିନ୍ତାରେ ପଡ଼ିଯାଇଛୁ । କ'ଣ କରିବୁ ବୋଲି କିଛି ବୁଦ୍ଧିବାଟ ଦିଶୁନାହିଁ । କାଲିକି ବାରଶହ ବଢ଼େଇଙ୍କର ମୁଣ୍ଡ ରହିବ କି ନାହିଁ କିଛି ଠିକ୍ ନାହିଁ ।

ଧରମା କାହିଁକି ବାପା ?

ବିଶୁ : ଦେଉଳ ସିନା ତୋଳିଦେଲୁ । ହେଲେ ଆମେ କେହି ତା'ର ମୁଣ୍ଡି ମାରିପାରିଲୁ ନାହିଁ । ଦଧିନଉତି ବସେଇଲା ବେଳକୁ ପଥର ଖସିଯାଉଛି । ଯେତେ ଲାଗିଲେ ସେ କାମଟା କେହି କରିପାରୁ ନାହାଁନ୍ତି । ଆମ ଭିତରେ ଭାଳେଣି ପଡ଼ିଛି, କେମିତି ଏ କାମ ଶେଷ ହେବ । ଏଣେ ରାଜା ଆଦେଶ ଦେଲେଣି, କାଲି ସକାଳ ସୁଦ୍ଧା କାମ ଶେଷ ନହେଲେ ବାରଶହ ବଢ଼େଇଙ୍କ ମଥା ରହିବ ନାହିଁ ।

ଧରମା ଏଥିପାଇଁ ଆପଣ ବ୍ୟସ୍ତ ଅଛନ୍ତି ?

ବିଶୁ : ହଁରେ ପୁଅ । ସେଇ ଚିନ୍ତାରେ ଆମ ଆଖିକୁ ନିଦ ନାହିଁ ।

ଧରମା ବାପା ମୋର ଛୋଟ ଅଳିଟିଏ ରଖିବେ ?

ବିଶୁ : କହୁନୁ କହ । ତୁ ମୋର ଏକୋଇର ବଳା । ତୋ କଥା ଭାଙ୍ଗିବି କେମିତି ? ଯାହା ଇଚ୍ଛା କରୁଛୁ କହ ।

ଧରମା ଆମ ଘରେ ଥିବା ପୋଥି ପଢ଼ି କାରିଗରୀ ବିଦ୍ୟା ମୁଁ ଜାଣିଛି । ମତେ ଅନୁମତି ଦେଲେ, ମୁଁ ଚେଷ୍ଟା କରି ଦେଖନ୍ତି ।

ବିଶୁ : ତୁ ତ ଛୋଟପିଲା, ତୁ କ'ଣ ପାରିବୁ ?

ଧରମା ମତେ ଥରେ ଅନୁମତି ଦିଅନ୍ତୁ ନା ।

ବିଶୁ : ହଉ ଚାଲ । ତୋର ଇଚ୍ଛା ହେଉଛି ଯେତେବେଳେ ଦେଉଳ ଉପରକୁ ଯାଇ ଦେଖ । ହେଲେ ମନେରଖ, ତୁ ପିଲାଲୋକ । ତୋର କିଛି ଅସୁବିଧା ଯେମିତି ନହୁଏ । ସାବଧାନ ହୋଇ କାମ କରିବୁ ।

ଧରମା ହଁ ବାପା ସାବଧାନ ହୋଇ କାମ କରିବି । ଆପଣ ଭୟ କରନ୍ତୁନାହିଁ । (ଉଭୟେ ଯାଇଛନ୍ତି)

– ଅନ୍ଧାର –

Digitized by PPRACHIN, SOA



ଚତୁର୍ଥ ଦୃଶ୍ୟ

[ମଞ୍ଚର ଗୋଟିଏ ପାର୍ଶ୍ୱରେ ନିର୍ମାଣାଧୀନ ମନ୍ଦିରର ଦୃଶ୍ୟ ଦେଖାଯିବ । ତା'ର ଅଗ୍ରଭାଗରେ ଧରମା ବସି କାମ କରୁଛି । ତଳେ ଠିଆ ହୋଇ ବିଶୁମହାରଣା ସହ ଅନ୍ୟ କାରିଗରମାନେ ମନ୍ଦିରର ଦଧିନଉତି ବସିଯିବାରୁ ଆନନ୍ଦିତ ହେଉଛନ୍ତି । ସମସ୍ତଙ୍କ ମୁଖରେ - 'ଜୟ ଧର୍ମ ନିରଞ୍ଜନ କି ଜୟ' ଧ୍ୱନୀ ।]

ମହେଶ୍ୱର : ଭାଇମାନେ, ଯାହା ହେଉ ଧରମା ଆମର ମାନ ସନମାନ ରଖିଦେଲା ।

ଦେବରାଜ : ବୁଝିଲ ବିଶୁଭାଇ, ତମ ପୁଅ ଯୋଗୁଁ ଆମେ ବଞ୍ଚିଗଲୁ । ଛୋଟ ପିଲା ହେଲେ କ'ଣ ହେବ, ତା'ର ବୁଦ୍ଧିକୁ ମାନିବାକୁ ହେବ । ଆଜି ବାରଶହ ବଢ଼େଇ ଯୋଉ କାମ କରିପାରୁନଥିଲେ ସିଏ କରିକି ଦେଖେଇଦେଲା । ଦେଖୁନ କେମିତି ଦଧିନଉତି ବସେଇସାରି ତଳକୁ ଓହ୍ଲେଇ ଆସୁଛି ।

ମହେଶ୍ୱର ବିଶୁଭାଇ ପିଲାଟା ଆସିଲେ ତାକୁ ଆମେ ସମସ୍ତେ ଟେକିନେଇ ଦେଉଳ ଚାରିପଟେ ବୁଲେଇବା । ସେ ଆଜି ଆମ ଜାତିର ଟେକ ରଖିଛି ।

ବିଶୁ : ସତରେ ଭାଇ, ଗରବରେ ମୋ ଛାତି ଫୁଲି ଉଠୁଛି ଆଜି । ମୋଠୁ ଜନମ ହୋଇ ମତେ ବଳିଗଲା ।

Digitized by PPRACHIN, SOA

ଦେବରାଜ ଯାହା ହେଉ ପିଲାଟା ଲାଗି ମୁଣ୍ଡକାଟରୁ ଆମେ ବଞ୍ଚିଗଲୁ ।

କରୁଣା (ପ୍ରବେଶ କରି) ତମେ ସବୁ ବୋକା । ଆରେ ମୁଣ୍ଡକାଟରୁ ବଞ୍ଚିଗଲ କ'ଣ ? ଏବେ ମୁଣ୍ଡକାଟ ନିଶ୍ଚିନ୍ତ ହୋଇଗଲା ବୋଲି ଜାଣ ।

ମହେଶ୍ୱର କାହିଁକି ? ରାଜାଙ୍କ ଆଦେଶ ଅନୁସାରେ ଆଜି ରାତି ପାହିଲା ବେଳକୁ ଦେଉଳ ମୁଣ୍ଡି ମରିବା କଥା । ଏବେ ତ ଧରମା ସେ କାମ କରିଦେଲା । ଆଉ ଭୟ କ'ଣ ?

କରୁଣା ଭୟ ପୂରାପୂରି ମାଡ଼ି ଆସିଲା ବୋଲି ବୁଝ ମହିଆ ଭାଇ । ହଇହେ ରାଜା ଯେତେବେଳେ ଜାଣିବେ, ବାରଶହ ବଢ଼େଇ ଯୋଉ କାମକୁ ପାରିଲେ ନାହିଁ – ସେ କାମକୁ ବାରବରଷର ପିଲା ଧରମା କରିପାରିଛି, ତାହାଲେ ତମମାନଙ୍କ ମୁଣ୍ଡ ରହିବଟି ?

ବିଶୁ : ସେଥିରେ କ'ଣ ଅଛି ? ସିଏ ତ ଆମରି କୁଳର ପିଲା, ମୋ ପୁଅ । ରାଜା ଜାଣିଲେ ଆମର କିଛି ଅସୁବିଧା ହେବନାହିଁ ।

କରୁଣା ଆରେ ବିଶୁଭାଇ, ରାଜା ଗୋଜା । ତାଙ୍କ ମୁଣ୍ଡରେ ଯଦି ପଶିଗଲା ଯେ, ଏଇ ରାଇଜର ସବୁତକ କାରିଗର ଧରମାକୁ ସରି ନୁହଁନ୍ତି, ତାହାଲେ ସଙ୍ଗେସଙ୍ଗେ ଆଦେଶ ଦେବେ – ଏ ସମସ୍ତଙ୍କୁ ଏଇଠି ଅଟକ ରଖି ଏମାନଙ୍କର ମୁଣ୍ଡ କାଟିଦିଅ ।

ଦେବରାଜ ସତ କଥା । ରାଜା ମନ, କେତେବେଳ କ'ଣ ହବ ତା'ର କିଛି ଠିକଣା ଅଛି ?

ମହେଶ୍ୱର ହେଲେ... ଆମେ ଏବେ କ'ଣ କରିବା ?

କରୁଣା ସେଇକଥା ଚିନ୍ତାର ବିଷୟ । କ'ଣ ଉପାୟ କଲେ ଆମେ ରାଜାଙ୍କ କୋପରୁ ରକ୍ଷା ପାଇପାରିବା ?

ଦେବରାଜ ତାହାଲେ ସମସ୍ତେ ବସି ଚିନ୍ତା କର ଭାଇମାନେ ।

(ସମସ୍ତେ ଚୁପ୍‌ଚାପ୍ ବସି ଚିନ୍ତା କରିଛନ୍ତି । କାହାରି ମନରେ ଖୁସି ନାହିଁ । ଏତିକିବେଳେ ଧରମା ତଳକୁ ଓହ୍ଲେଇ ଏମାନଙ୍କ ପାଖକୁ ଆସିଛି ।)

ଧରମା ବାପା, ହୋଇଗଲା । ସାମାନ୍ୟ ତ୍ରୁଟି ଯୋଗୁଁ କଳସ ପଥରର ଭାରକେନ୍ଦ୍ର ଠିକ୍ ରହୁନଥିଲା । ଏବେ ଠିକ୍ ହୋଇଗଲା । ଦେଉଳର ମୁଣ୍ଡି ମରିଗଲା । ରାଜାଙ୍କ କୋପରୁ ଆମ୍ଭେମାନେ ବଞ୍ଚିଗଲେ । (ସମସ୍ତେ ନୀରବ ରହିବା ଦେଖି) ଏ କ'ଣ ହୋଇଛି ବାପା ? ସମସ୍ତେ ଏମିତି ମନଦୁଃଖ କରି ବସିଛନ୍ତି । ଦେଉଳର ଦଧିନଉତି ବସିଗଲା, ଆପଣମାନେ ସମସ୍ତେ ଖୁସିହେବା କଥା ।

ବିଶୁ : ନାଇଁରେ ପୁଅ । ଆଉ ଗୋଟିଏ ଅସୁବିଧା ରହିଛି ।

ଧରମା କ'ଣ ସେ ଅସୁବିଧା ?

କରୁଣା କ'ଣ କହିବୁ ସେକଥା, ତୁ ତ ଆମର ପୁଅ, ଆମ ପାଇଁ ଗରବ ଆଉ ଗଉରବ । କାମଟା ସିନା ତୋ ଲାଗି ହୋଇଗଲା, ହେଲେ ରାଜା...

ଧରମା ରାଜା ?

Digitized by PPRACHIN, SOA

କରୁଣା	ହଁ ରାଜା ଯଦି ଜାଣିବେ - ଏ କାମ ତୁ କରିଛୁ, ଆଉ ଆମେ ପାରିଲୁ ନାହିଁ । ତାହାଲେ ଆମମାନଙ୍କ ମୁଣ୍ଡ ରହିବଟି ?

ଧରମା	ମୁଁ ଆପଣମାନଙ୍କର ପିଲା, ଶିଳ୍ପୀକୁଳର ସନ୍ତାନ । ବାପ କରିଥା'ନ୍ତା, ପୁଅ କରିଦେଲା । ଏଥିରେ ରାଜା ରାଗିବେ କାହିଁକି ?

ଦେବରାଜ	ରାଜାଙ୍କର ଅବୁଝା ମନ । ସେ ଯଦି ବୁଝିଯିବେଯେ, ଏ କାମ ଏକା ଧରମା କରିଛି, ବାରଶହ ବଢ଼େଇ ପାରିନାହାଁନ୍ତି । ସେମାନେ ବଞ୍ଚିରହିବା ଦରକାର ନାହିଁ; ସେତେବେଳେ ଆମେ କରିବୁ କ'ଣ ?



ଧରମା	ତାହାଲେ ମୁଁ ଏଠା ଛାଡ଼ି ଚାଲିଯାଉଛି ଗାଁକୁ । ଏ କାମ ମୁଁ କରିଛି ବୋଲି କେବେ ଦାବୀ କରିବି ନାହିଁ । ବଞ୍ଚିଥିବା ଯାଏଁ ଏକଥା ଗୋପନ ରଖିବି ।

ବିଶୁ :	ସେଇକଥା କର ପୁଅ । ତୁ ରାତାରାତି ଗାଁକୁ ପଳା । କାହା ଆଗରେ କହିବୁ ନାହିଁ ଯେ ଏ କାମ ତୁ କରିଛୁ । କ'ଣ ଭାଇମାନେ ?

କରୁଣା	ସେମିତି ହେଲେ କିଛି ଲାଭ ନାହିଁ । କଥାଟା ଯେ କେବେ ଫିଟି ନଯିବ ସେକଥା କିଏ କହିବ । ପିଲାଲୋକ ଆମ ଆଗରେ ଏବେ କହିଦେଉଛି, ପରେ କେତେବେଳେ ତୁଣ୍ଡ ଫିଟେଇ ଦେଇପାରେ ।

ବିଶୁ :	ସେ ମୋ ପୁଅ । ମୋର ବିଶ୍ୱାସ, ଏକଥା ସେ କାହା ଆଗରେ କହିବ ନାହିଁ ।

କରୁଣା :	ନା ବିଶୁଭାଇ, ଏଇଟା ସମାଧାନର ବାଟ ନୁହେଁ ।

ବିଶୁ :	ତାହାଲେ ଭାଇମାନେ କ'ଣ ଚାହୁଁଛ ଫିଟେଇ କହୁନା କାହିଁକି ?

କରୁଣା	ବଞ୍ଚିରହିଲେ ଦିନେ ନା ଦିନେ ଧରମା କଥାଟା ଫିଟେଇ ଦେଇପାରେ । ତମେ ଆଗେ କହିଲ, ବାରଶହ ବଢ଼େଇରେ ଦାୟ ନା ପୁଅରେ ଦାୟ ?

ସମସ୍ତେ	ହଁ କହିଦିଅ ବିଶୁଭାଇ, ତମେ ବାରଶହ ବଢ଼େଇରେ ଦାୟ ନା ପୁଅରେ ଦାୟ ? (ବିଶୁ ଭାଙ୍ଗି ପଡ଼ିଛନ୍ତି, ଗମ୍ଭୀର ହୋଇ ଚିନ୍ତା କରିଛନ୍ତି ।)

ଧରମା :	(ବାପାଙ୍କ ପାଖକୁ ଆସି) ବାପା, ନୀରବ ରହୁଛ କାହିଁକି ? ଆମର ଭାଇମାନେ କ'ଣ ଚାହୁଁଛନ୍ତି ମୁଁ ଭଲଭାବରେ ବୁଝିପାରୁଛି । ତମେ ଡରନାହିଁ ବାପା । କହିଦିଅ, ତମେ ବାରଶହ ବଢ଼େଇରେ ଦାୟ, ପୁଅରେ ଦାୟ ନୁହେଁ ।

Digitized by PPRACHIN, SOA

ବିଶୁ : (ମନ ଦୁଃଖରେ) ଧରମା । ପୁଅ ମୋର । ଏଇ ଚନ୍ଦ୍ରଭାଗା କୂଳେ ଦେଉଳ ତୋଳା କାମରେ ରହି ଘର ଦୁଆର ଭୁଲିଯାଇଥିଲି । ଏଇ ବାରଶହ ଭାଇମାନଙ୍କ ସଙ୍ଗେ କେତେ ଦିନ କେତେ ରାତି ବିତିଛି, ତାର ଠିକଣା ନାହିଁ । ସବୁବେଳେ ତୁ ଆଉ ତୋ ବୋଉ କଥା ମନେ ପଡ଼େ । ହେଲେ ଘରକୁ ଯାଇ ତମମାନଙ୍କୁ ଦେଖିବାର ସୁଯୋଗ ପାଏନା । ଏଇଠି ଯେତେବେଳେ ପ୍ରଥମେ ତତେ ଦେଖିଲି - ମୋ ମନ ଖୁସିରେ ନାଚି ଉଠିଲା । ତୁ ଭାଇମାନଙ୍କ ମାନ ରଖିବାକୁ ଯାଇ ଏତେ ବଡ଼ କାମ କଲୁ । ଏକଥା ଦେଖି ମୋ ଛାତି କୁଣ୍ଢେମୋଟ ହୋଇଗଲା । ମୋ ପୁଅ ଏ କାମ କରିଛି, ଧରମା କରିଛି, ଧରମା - ବିଶୁମହାରଣାର ପୁଅ । ଏମିତି ପୁଅ ଭାଗ୍ୟରେ ଥିଲେ ମିଳେ । ହେଲେ ଆଜି...



ଧରମା ବାପା ! !

ବିଶୁ : ଧରମା ! ! ! (କାନ୍ଦିଛି)

ଧରମା ବ୍ୟସ୍ତ ହୁଅନାହିଁ ବାପା । ପିତୃସତ୍ୟ ପାଳନ ପାଇଁ ରାମଚନ୍ଦ୍ର ବନଗମନ କରିଥିଲେ । ପିତାମାତାଙ୍କ ପାଇଁ ଶ୍ରବଣ କୁମାର କେତେ କଷ୍ଟ ସହିନଥିଲେ ସତେ ! ଆଜି ପିତା ବିଶୁ ମହାରଣାର ଜାତିଭାଇଙ୍କ ଜୀବନ ରହିବା ପାଇଁ ପୁତ୍ର ଧର୍ମପଦ ଜୀବନ ଦେଇଦେଲେ କିଛି କ୍ଷତି ହେବନାହିଁ । ବରଂ କାଳକାଳକୁ ତମ ବଡ଼ପଣ କଥା ଏ ମହୀରେ ଉଦାହରଣ ହୋଇ ରହିବ । ମନଦୁଃଖ କରନାହିଁ ।

ବିଶୁ : ଘରକୁ ଯାଇ ତୋ ବୋଉକୁ କି ଉତ୍ତର ଦେବିରେ ଧରମା ?

ଧରମା ବୋଉକୁ କହିବ, ଧରମା ଜାତିଭାଇଙ୍କ ପାଇଁ ଜୀବନ ଦେଇଛି । ଏ ଦୁନିଆରେ କିଏ କାହାର ପୁଅ, ଏ ସବୁ ମାୟା ଭିଆଣ । ପରହିତ ପାଇଁ ଯାହାର ପ୍ରାଣ ଚାଲିଯାଏ, ତା'ରି ଜୀବନ ସାର୍ଥକ ହୋଇଥାଏ ବାପା ।

ବିଶୁ : (କାନ୍ଦିଛି) ନା ରେ ଧରମା । ତତେ ଛାଡ଼ି ମୁଁ ରହିବି କେମିତି ? ତୁ ଚାଲିଗଲେ ମୁଁ ଅନ୍ଧ ହୋଇଯିବିରେ ।

ଧରମା ବାପା, ଜମା ବ୍ୟସ୍ତ ହୁଅନାହିଁ । ତୁମେ ଏତିକିରେ ଖୁସି ହୁଅ ଯେ, ତମ ପୁଅ କା'ପୁରୁଷଙ୍କ ପରି ମରିନାହିଁ । ପରହିତ ସାଧନ ପାଇଁ ପୁରୁଷପଣିଆ ଦେଖାଇଛି । (ବିଶୁ ଓ ଧରମା ପରସ୍ପରକୁ ଆଲିଙ୍ଗନ କରିଛନ୍ତି ।)

ମତେ ଆଶୀର୍ବାଦ ଦିଅ ବାପା । (ଧରମା ପାଦଧୂଳି ନେଇ ମନ୍ଦିର ଉପରକୁ ଉଠିଛି । କିଛି ସମୟ ପରେ ଚତୁର୍ଦ୍ଦିଗକୁ ନମସ୍କାର କରି ନଦୀଗର୍ଭକୁ ଡେଇଁ ପଡ଼ିଛି ।)

ବିଶୁ : ତୁ ରାମଚନ୍ଦ୍ର ଆଉ ଶ୍ରବଣ କୁମାରଙ୍କୁ ବଳିଗଲୁ ରେ ଧରମା । (କାନ୍ଦି ଉଠିଛି)

(ସବୁ କାରିଗରମାନେ ମୁଣ୍ଡ ତଳକୁ କରିଛନ୍ତି । ମଞ୍ଚ ଅନ୍ଧାର ହେଲା ।)

Digitized by PPRACHIN, SOA

ପଞ୍ଚମ ଦୃଶ୍ୟ

[ପ୍ରଥମ ଦୃଶ୍ୟରେ ଆଈମା ଓ ପିଲାମାନେ ଯେଉଁ ଅବସ୍ଥାରେ ଥିଲେ ସେହି ଅବସ୍ଥାରେ ରହିଥିବେ ।ଆଲୋକ ଆସିଛି ।]

ସୁମନ୍ତ   ଆଈମା, ଆଜି ଏ କଥାଟି ଆମକୁ ଭାରି ଭଲ ଲାଗିଲା ।

ଗୀତା   ଏକଥା - କୋଣାର୍କ ମନ୍ଦିର ଗଢ଼ା ହେବାବେଳର କଥାଟି ଆଈମା ?

ଆଈମା   ହଁ ଗୀତା । ଚନ୍ଦ୍ରଭାଗା ନଦୀ ମୁହାଣରେ ତୋଳା ହୋଇଥିବା ଏହି ମନ୍ଦିରକୁ ଆମେ କୋଣାର୍କ ମନ୍ଦିର କହିଥାଉ । ସୂର୍ଯ୍ୟ ଦେବଙ୍କ କ୍ଷେତ୍ର ବୋଲି ଏହାକୁ ଅର୍କକ୍ଷେତ୍ର ମଧ୍ୟ କୁହାଯାଏ ।

ହରି   ଆଚ୍ଛା ଆଈମା, ଏହି କୋଣାର୍କ ମନ୍ଦିର ବିଷୟରେ ଆଉ କ'ଣ କଥା ଅଛି ?

ଆଈମା   ବହୁ ପୁରାଣ କଥା ଆଉ କିମ୍ବଦନ୍ତୀ ଏଇ କୋଣାର୍କ ମନ୍ଦିରକୁ ନେଇ ରହିଛି । ଭଗବାନ୍ ଶ୍ରୀକୃଷ୍ଣଙ୍କର ପୁଅ ଶାମ୍ବ ସେହିଠାରେ ସୂର୍ଯ୍ୟପୂଜା କରିବାରୁ ତାଙ୍କର କୁଷ୍ଠ ଭଳି ବଡ଼ ରୋଗ ଭଲ ହୋଇଯାଇଥିଲା । ଏମିତି ଅନେକ କଥା ରହିଛି ।

ସୁମନ୍ତ   ହେଲେ ଆଈମା, କୋଣାର୍କ ମନ୍ଦିର ଭଙ୍ଗା ମନ୍ଦିରଟିଏ ପରି ଦେଖାଯାଏ ।

ଆଈମା   ହଁ । କାଳକ୍ରମେ ସେ ମନ୍ଦିର ଭାଙ୍ଗିଯାଇଛି, ସେଠି ଆଉ ସୂର୍ଯ୍ୟପୂଜା ହେଉନାହିଁ । କିନ୍ତୁ ସେ ଓଡ଼ିଆ ଜାତିର ଟେକ ରୂପେ ଠିଆ ହୋଇ ରହିଛି । ଏବେବି ଲୋକମାନେ, ସମୂହ କାମ ପାଇଁ କ୍ଷତି ସହିବା କଥା ଉଠିଲେ "ବାରଶହ ବଢ଼େଇ ରେ ଦାୟ" କଥା କହନ୍ତି ।

ଗୀତା   ଧରମା ଆମରିଭଳି ଛୋଟ ପିଲାଟିଏ, ନୁହେଁ ଆଈମା' ?

ଆଈମା   ହଁ ହଁ, ଛୋଟପିଲା ହେଲେ କ'ଣ ହେବ । ମହତ କାମଟିଏ କରି ଜାତିର ଟେକ ରଖିଛି । ସେଥିପାଇଁ ତା ନାଁ ରହିଛି କାଳକାଳକୁ । ଯେତେଦିନ ଯାଏଁ କୋଣାର୍କ ମନ୍ଦିର ଥିବ ସେତେଦିନ ଯାଏଁ ଧରମାର ନାଁ କୁ ସବୁଲୋକେ ମନେ ରଖିଥିବେ । ପିଲାମାନେ, ତମେମାନେ ଛୋଟ ହେଲେ ମଧ୍ୟ ମହତ କାମ କରିବାକୁ ଚେଷ୍ଟା କରିବ । ଆଜି ଏତିକି । ଚାଲ ସମସ୍ତେ ଘରକୁ ଯିବା ।

ସମସ୍ତେ :   ହଁ ଆଈମା, ଆମେ ସବୁ ଆସୁଛୁ । ନମସ୍କାର ।

(ଆଈମା ମଧ୍ୟ ପିଲାମାନଙ୍କୁ ପ୍ରତିନମସ୍କାର ଜଣାଇଲେ ମଞ୍ଚ ଅନ୍ଧାର ହେଲା ।)

- ଯବନିକା -

Digitized by PPRACHIN, SOA

ଉପାସନା

ପ୍ରଥମ ଦୃଶ୍ୟ

[ମହାଭାରତ ଯୁଦ୍ଧ ସମୟ । ପାଣ୍ଡବ ଶିବିରରେ ଭୀମ, ଅର୍ଜୁନ, ନକୁଳ ଓ ସହଦେବଙ୍କ ମଧ୍ୟରେ ଆଲୋଚନା ଚାଲିଛି । ସମସ୍ତେ ଚିନ୍ତିତ ଥିଲେ ।]

ଭୀମ ମୁଁ ବୁଝି ପାରୁନାହିଁ, ଜ୍ୟେଷ୍ଠଭ୍ରାତା ଯୁଧିଷ୍ଠିର ନିଜର ବେଶ ବଦଳାଇ କୁଆଡ଼େ ଚାଲିଯାଉଛନ୍ତି ? ଦୀର୍ଘ ସମୟ ପରେ ଫେରୁଛନ୍ତି ଶିବିରକୁ । କେଉଁଠିକି ଯାଉଛନ୍ତି, ତାହା ପ୍ରକାଶ କରୁନାହାଁନ୍ତି ।

ଅର୍ଜୁନ : ମୁଁ ଭାବୁଛି, ସେ ଭଗବାନ୍‌ଙ୍କ ଉପାସନା ପାଇଁ ବାହାରକୁ ଚାଲିଯାଉଛନ୍ତି । ଅବସର ସମୟରେ ସେ ଭଗବାନ୍‌ଙ୍କ ଉପାସନା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ ।



ନକୁଳ ମୋର କିନ୍ତୁ ଏକଥା ବିଶ୍ୱାସ ହେଉନାହିଁ । ଭଗବାନଙ୍କ ଉପାସନା ପାଇଁ ବେଶ ବଦଳାଇ ଛଦ୍ମବେଶ ଧାରଣ କରିବାର ଆବଶ୍ୟକତା କ'ଣ ?

ଭୀମ ମୋ ମନରେ ସେଇ ପ୍ରଶ୍ନ ହିଁ ଉଠିଛି । ଜ୍ୟେଷ୍ଠଭ୍ରାତା ଏମିତି ବେଶ ପରିଧାନ କରୁଛନ୍ତି ଯେ, କେହି ତାଙ୍କୁ ଯୁଧିଷ୍ଠିର ବୋଲି ଜାଣିବା ସମ୍ଭବ ହେବ ନାହିଁ ।

ଅର୍ଜୁନ ଜ୍ୟେଷ୍ଠଭ୍ରାତା ଏମିତି କରୁଛନ୍ତି କାହିଁକି ? ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଆମକୁ ଜଣାଇଦେଲେ କ୍ଷତି କ'ଣ ?

Digitized by PPRACHIN, SOA

ଭୀମ   ଆମକୁ ଏହାର କାରଣ ଖୋଜି ବାହାର କରିବାକୁ ହେବ ।

ଅର୍ଜୁନ   ଭ୍ରାତା ସହଦେବ ନୀରବ ରହିଛନ୍ତି ଯେ, ଏ ବିଷୟରେ ତାଙ୍କର ମତ କ'ଣ, ସେ ଆମକୁ ଜଣାନ୍ତୁ ।

ସହଦେବ   ଆମମାନଙ୍କ ମନରେ ଜ୍ୟେଷ୍ଠଭ୍ରାତାଙ୍କ ପ୍ରତି ସୃଷ୍ଟି ହୋଇଥିବା ସନ୍ଦେହ ଯଥାର୍ଥ । ହେଲେ ଆମର ସନ୍ଦେହମୋଚନ ପାଇଁ ଆମେ ଚେଷ୍ଟା କରିବା ଉଚିତ ।

ଭୀମ   ତାହାଲେ, ସେ ଫେରିବା ମାତ୍ରେ ଆମେ ତାଙ୍କୁ ଏ ବିଷୟରେ ପଚାରିଦେବା ।

ସହଦେବ   ନା ।

ଭୀମ   କାହିଁକି ?

ସହଦେବ   ସେ ହୁଏତ ଆମକୁ ଏ ବିଷୟରେ ଜାଣିବାକୁ ସୁଯୋଗ ଦେଇ ନ ପାରନ୍ତି । ପଚାରିଲେ, ଏଣୁ ତେଣୁ କହି ଭୁଲାଇ ଦେଇପାରନ୍ତି ।

ଅର୍ଜୁନ   ତାହାଲେ ଉପାୟ ?

ସହଦେବ   ଆମ୍ଭେମାନେ ଜ୍ୟେଷ୍ଠଭ୍ରାତାଙ୍କ କାର୍ଯ୍ୟକଳାପ ଲୁଚିରହି ଦେଖିବା । ତା'ପରେ ସେ ଫେରିଲେ ଆମେ ତାଙ୍କୁ ଏ ବିଷୟରେ ପ୍ରଶ୍ନ କରିବା । ଏମିତି ହେଲେ ସେ ଆମକୁ ଭୁଲାଇ ପାରିବେ ନାହିଁ ।

ଭୀମ   ତାହାହିଁ ହେଉ । ଆମେ ସମସ୍ତେ ଆସନ୍ତାକାଲି ଜ୍ୟେଷ୍ଠଭ୍ରାତାଙ୍କ କାର୍ଯ୍ୟକଳାପ ଏହି ସମୟରେ ଲୁଚିଲୁଚି ଦେଖିବା ।

(ଅନ୍ୟ ସମସ୍ତେ ଭୀମଙ୍କର ଏହି ପ୍ରସ୍ତାବକୁ 'ହଁ' କହି ସମର୍ଥନ କଲେ । ମଞ୍ଚ ଅନ୍ଧାର ହେଲା ।)

ଦ୍ୱିତୀୟ ଦୃଶ୍ୟ

[ପରଦିନ ଠିକ୍ ସେହି ସମୟରେ ଯୁଧିଷ୍ଠିର ଛଦ୍ମବେଶ ଧାରଣ କରି ଶିବିରରୁ ବାହାରିଗଲେ । ପଛେ ପଛେ ଚାରିଭାଇ ଭୀମ, ଅର୍ଜୁନ, ନକୁଳ ଓ ସହଦେବ ଲୁଚିଲୁଚି ଚାଲିଲେ । ଯୁଧିଷ୍ଠିର ଯୁଦ୍ଧକ୍ଷେତ୍ରକୁ ଯାଇ ଆହତ ସୈନ୍ୟମାନଙ୍କ ସେବା କରୁଥାନ୍ତି । ଚାରିଭାଇ ଲୁଚି ରହି ଏସବୁ ଦେଖୁଥିଲେ ।]

ଯୁଧିଷ୍ଠିର   (ଜଣେ ଆହତ ସୈନ୍ୟକୁ) ତମର ରକ୍ତସ୍ରାବ ବନ୍ଦ ହୋଇ ଆସିଲାଣି । ତମେ ଏଥର ସୁସ୍ଥ ହୋଇଯିବ ।

ଆହତସୈନିକ : ଭଗବାନ୍ ତମର ମଙ୍ଗଳ କରନ୍ତୁ ।

ଯୁଧିଷ୍ଠିର   ଘରକୁ କ'ଣ କିଛି ଖବର ଦେବାର ଅଛି ?

ଆହତ ସୈନିକ : ଅଛି ମହାଶୟ । ମୁଁ ଯୁଦ୍ଧକ୍ଷେତ୍ରକୁ ଆସିବାର ଅନେକ ଦିନ ବିତିଗଲାଣି । ମୋ ସ୍ତ୍ରୀ ଓ ସନ୍ତାନମାନେ ଭାରି ବ୍ୟସ୍ତ ହେଉଥିବେ । ଘରେ ବୁଢ଼ୀ ମା'ଟିଏ ଅଛି, ସେ ମଧ୍ୟ ମୋତେ ମନେ ମନେ ଖୋଜୁଥିବେ । ସେମାନଙ୍କୁ ଶାନ୍ତ୍ୱନା ଦେଇ କହିବ, ମୁଁ ଭଲ ଅଛି । ଯୁଦ୍ଧ ସରିଲେ ନିଶ୍ଚୟ ଫେରିଯିବି ।

ଯୁଧିଷ୍ଠିର   ତମେ ଜମା ବ୍ୟସ୍ତ ହୁଅନାହିଁ । ମୁଁ ତମ ଘରକୁ ଯାଇ ସ୍ତ୍ରୀ ଓ ପିଲାମାନଙ୍କୁ ବୁଝାଇ କହିବି । ମା' ବୁଢ଼ୀକି ମଧ୍ୟ ବୁଝାଇ ଦେବି । ସେମାନେ ଆଉ ଅଧୈର୍ଯ୍ୟ ହେବେନାହିଁ ।

Digitized by PPRACHIN, SOA

ଆହତ ସୈନିକ : ସେତିକି ମୋ ପାଇଁ କରନ୍ତୁ ମହାଶୟ । ପିଲାମାନଙ୍କ କଥା ମନେପଡ଼ିଲେ ମୋ ଆଖିରେ ଲୁହ ଆସିଯାଉଛି । ମୁଁ ସମ୍ଭାଳି ପାରୁନାହିଁ । ବୀର ସୈନିକର କର୍ତ୍ତବ୍ୟ ପାଳନ କଲାବେଳେ ସେସବୁ ଭୁଲି ମୁଁ ଯୁଦ୍ଧ କରୁଥିଲି । ହେଲେ ଆହତ ହୋଇ ପଡ଼ିଯିବାରୁ ମୋ ମନରେ ଖାଲି ସେଇମାନଙ୍କ ଚିନ୍ତା । କ'ଣ କରୁଥିବେ ସେମାନେ ? ମୋ ଅନୁପସ୍ଥିତିରେ ସେମାନେ ହୁଏତ ଭାଙ୍ଗି ପଡୁଥିବେ । ମୁଁ ଯଦି ନଫେରେ...

ଯୁଧିଷ୍ଠିର ନା, ସେମିତି କହନାହିଁ । ଭଗବାନ୍ ଏତେ ନିଷ୍ଠୁର ନୁହଁନ୍ତି । ତମ ପରିବାରକୁ ଏତେ ବଡ଼ ଦୁଃଖରୁ ସେ ନିଶ୍ଚୟ ଉଦ୍ଧାର କରିବେ ।

ଆହତ ସୈନିକ : ତମର ଏଇ କଥା ପଦକ ମୋତେ ସ୍ୱୟଂ ଭଗବାନ୍‌ଙ୍କ ବାଣୀ ପରି ଲାଗୁଛି । ମୋ ପରିବାରକୁ ବ୍ୟସ୍ତତାରୁ ରକ୍ଷାକରିବା ଦାୟିତ୍ୱ ତୁମର ।

ଯୁଧିଷ୍ଠିର ତମେ ନିଶ୍ଚିନ୍ତ ରୁହ । ତମ ଘରର ସମସ୍ତଙ୍କୁ ବୁଝାଇ କହିବା ଦାୟିତ୍ୱ ମୋର । ମତେ ଏବେ ବିଦାୟ ଦିଅ ।

ଆହତ ସୈନିକ : ଭଗବାନ୍ ତୁମକୁ କୋଟି ପରମାୟୁ ଦିଅନ୍ତୁ ।

(ଆହତ ସୈନିକ ଠାରୁ ବିଦାୟ ନେଇ ଫେରିଆସିଲେ ଯୁଧିଷ୍ଠିର । ତାଙ୍କ ପଛରେ ଲୁଚି ଦେଖୁଥିବା ଚାରିଭାଇ ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମଧ୍ୟ ଫେରିଆସିଲେ ।)

– ମଞ୍ଚ ଅନ୍ଧାର ହେଲା –

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ପାଣ୍ଡବ ଶିବିର । ଭୀମ, ଅର୍ଜୁନ, ନକୁଳ ଓ ସହଦେବ ଚୁପ୍‌ଚାପ୍ ବସିଛନ୍ତି । ଯୁଧିଷ୍ଠିର ପ୍ରବେଶ କଲେ ।]

ଯୁଧିଷ୍ଠିର — ଭ୍ରାତା, ଭୀମ ! ଅର୍ଜୁନ ! ନକୁଳ ! ସହଦେବ ! ତମେମାନେ ଏମିତି ଚୁପ୍‌ଚାପ୍ ବସିଛ ଯେ । କ'ଣ କିଛି ଅସୁବିଧା ପରିସ୍ଥିତି ଉପୁଜିଛି ? (ଭାଇମାନେ ନୀରବ ରହିବା ଦେଖି) ଆରେ କ'ଣ ହେଇଛି ମତେ ଖୋଲିକରି କୁହ । ନୀରବ ରହିଲେ ସମସ୍ୟାର ସମାଧାନ ହେବ କେମିତି ?

ଭୀମ — ସତକଥା କହିବାକୁ ଗଲେ, ଆପଣଙ୍କ କାର୍ଯ୍ୟକଳାପ ହିଁ ଆମ ମନରେ ସନ୍ଦେହ ସୃଷ୍ଟି କରିଛି ।

ଯୁଧିଷ୍ଠିର — ମାନେ ?

ଅର୍ଜୁନ — ଆପଣ ଠିକ୍ ଏଇ ସମୟରେ କୁଆଡ଼େ ବାହାରିଯାଆନ୍ତି, ଆଉ ଫେରନ୍ତି ବହୁ ବିଳମ୍ବରେ । ହେଲେ କେଉଁ ସ୍ଥାନକୁ ଯାଆନ୍ତି ଆମକୁ ଜଣାନ୍ତି ନାହିଁ ।

ନକୁଳ — ଆପଣ ଏଇ ସମୟରେ ଯାଆନ୍ତି କୁଆଡ଼େ ?

ଯୁଧିଷ୍ଠିର — ଭଗବାନଙ୍କ ଉପାସନା ପାଇଁ ।

ଭୀମ — ହେଲେ ଛଦ୍ମବେଶରେ ଯିବାର କାରଣ କ'ଣ ?

ଯୁଧିଷ୍ଠିର — ମୁଁ ଛଦ୍ମବେଶରେ ଯାଉଛି ବୋଲି ତମେମାନେ ଜାଣିଲ କେମିତି ?

ଅର୍ଜୁନ — ଆମେ ଆଖିରେ ଦେଖିଛୁ ।

ଯୁଧିଷ୍ଠିର — ତେବେ, ଆଉ କ'ଣ ସବୁ ଦେଖିଛ କହିଲ ?

ଭୀମ — ଆପଣ ଯାଇ ଶତ୍ରୁପକ୍ଷର ଆହତ ସୈନ୍ୟମାନଙ୍କ ସେବା କରୁଛନ୍ତି । ଏହା ତ ଅଧର୍ମ କାର୍ଯ୍ୟ ।

ଯୁଧିଷ୍ଠିର — ଅଧର୍ମ କାର୍ଯ୍ୟ ?

ଭୀମ — ଶତ୍ରୁପକ୍ଷର ସୈନ୍ୟମାନଙ୍କ ସେବା କରିବା ନୀତି-ଧର୍ମ ବିରୋଧୀ ନୁହେଁ କି ?

ଯୁଧିଷ୍ଠିର — କିଏ କାହାର ଶତ୍ରୁ ? ମଣିଷ କେବେ ମଣିଷର ଶତ୍ରୁ ହୋଇନପାରେ । ମୁଁ କେବଳ ଆହତ ମଣିଷର ସେବା କରୁଛି । ଶତ୍ରୁର ନୁହେଁ ।

Digitized by PPRACHIN, SOA

ଅର୍ଜୁନ ଆପଣ ଏଥିପାଇଁ ଛଦ୍ମବେଶରେ ଯାଉଛନ୍ତି ଯେ ?

ଯୁଧିଷ୍ଠିର ଛଦ୍ମବେଶରେ ନଗଲେ ସେମାନେ ମତେ ପାଣ୍ଡବମାନଙ୍କ ଜ୍ୟେଷ୍ଠଭ୍ରାତା ବୋଲି ଜାଣିଯିବେ । ମୋର ପ୍ରକୃତ ପରିଚୟ ଜାଣିଲେ, ସେମାନେ ତାଙ୍କ ମନର କଥା ମୋତେ କହିବେ ନାହିଁ । ମୋର ସେବା ମଧ୍ୟ ଗ୍ରହଣ କରିବେ ନାହିଁ ।

ସହଦେବ ହେଲେ ଆପଣ ଟିକିଏ ପୂର୍ବରୁ ଭଗବାନଙ୍କ ଉପାସନା ପାଇଁ ଯାଉଛନ୍ତି ବୋଲି କହିଥିଲେ । କିନ୍ତୁ ପ୍ରକୃତରେ ଆପଣ ଯୁଦ୍ଧକ୍ଷେତ୍ରକୁ ଯାଇ ଆହତମାନଙ୍କର ସେବା କରୁଛନ୍ତି । ଆପଣ ଆମକୁ ମିଥ୍ୟା କହିଲେ କାହିଁକି ? ।

ଯୁଧିଷ୍ଠିର ମୁଁ ତମମାନଙ୍କୁ ମିଥ୍ୟା କହିନାହିଁ । ଯାହା କହିଛି ସତ କହିଛି । ତମେମାନେ ଜାଣିବା ଉଚିତ ଯେ, ଭଗବାନଙ୍କ ଉପାସନା କେବଳ ଜପ, ତପ, ଧ୍ୟାନରେ ନଥାଏ । ଦୁଃଖୀରଙ୍କି, ଅସହାୟ ଓ ଆହତ-ଦୁର୍ଗତମାନଙ୍କ ସେବା କରିବା ହିଁ ପ୍ରକୃତ ଭଗବାନଙ୍କ ଉପାସନା । ମୁଁ ତ ସେଇଆ ହିଁ କରୁଛି ।

(ଏହା ଶୁଣି ଚାରିଭାଇ ନିଜର ଭୁଲ ବୁଝିପାରିଲେ ଓ ଜ୍ୟେଷ୍ଠଭ୍ରାତାଙ୍କ ଚରଣ ସ୍ପର୍ଶ କରି ତାଙ୍କ ମହାନତା ପ୍ରତି କୃତଜ୍ଞତା ଜଣାଇଲେ ।)

- ପରଦା ନଇଁ ଆସିଲା -

Digitized by PPRACHIN, SOA

ଗଙ୍ଗାସ୍ନାନ

ପ୍ରଥମ ଦୃଶ୍ୟ

[ଗଙ୍ଗା, ଯମୁନା, ସରସ୍ୱତୀର ମିଳନସ୍ଥଳ - ପ୍ରୟାଗ । ଚାଲିଥାଏ ମାଘମାସର ଗଙ୍ଗାସ୍ନାନ ଯୋଗ- କୁମ୍ଭମେଳା । ସ୍ନାନ ସାରି ଜଣେ ସାଧୁ ଜପ, ତପ, ଧ୍ୟାନ କଲେ । ଧ୍ୟାନ ଶେଷବେଳକୁ ଆସି ପହଞ୍ଚିଲେ ସାଧୁଙ୍କର ଜଣେ ସହଯୋଗୀ ଶିଷ୍ୟ ସୁଧୀରଞ୍ଜନ ।]

ସାଧୁ : ବୁଝିଲ ସୁଧୀରଞ୍ଜନ, ତମେ ତ ଜାଣ ମୁଁ କେମିତି ନିଷ୍ଠାର ସହ ମାସେ କାଳ ବ୍ରତ କରିଛି । ନିୟମ ମୁତାବକ ଜପ, ତପ, ଧ୍ୟାନ କରିଛି । ଶ୍ରଦ୍ଧା-ଭକ୍ତିରେ ଊଣା କରିନାହିଁ ।

ସୁଧୀରଞ୍ଜନ ହଁ ଗୁରୁଦେବ । ଆପଣଙ୍କ ବ୍ରତ ସଫଳ ହୋଇଛି ।

ସାଧୁ : ମୁଁ ଆଜି ନିଜକୁ ଧନ୍ୟ ମନେକରୁଛି । କାରଣ ଏଠି ଏକତ୍ରିତ ହୋଇଥିବା ସମସ୍ତ ସାଧୁଙ୍କ ମଧ୍ୟରେ ମୁଁ ହିଁ ଏକମାତ୍ର ସାଧୁ ଯିଏ କି, ଭକ୍ତିପୂତ ଭାବେ ବ୍ରତ ରକ୍ଷାକରି ସଫଳ ହୋଇଛି ।

ସୁଧୀରଞ୍ଜନ ଆପଣ ଅନ୍ନତ୍ୟାଗ କରି ଫଳମୂଳ ଆହାର କରିଛନ୍ତି । ନିଦ୍ରାତ୍ୟାଗ କରି ରାତିଦିନ ଅହରହ ଈଶ୍ୱରଙ୍କ ନାମ ଜପିଛନ୍ତି । ଆପଣଙ୍କ ଭଳି ସବୁ ତ୍ୟାଗ କରି ବ୍ରତରକ୍ଷା କରିଥିବା ସାଧୁ ଏଠି କାହିଁ ମୁଁ କାହାକୁ ଦେଖୁନାହିଁ ।

ସାଧୁ : ଗୋଟି ଗୋଟି କରି ସବୁ ସାଧୁସନ୍ଥଙ୍କୁ ମୁଁ ଜାଣେ । ମୋ'ଭଳି କଷ୍ଟ କରି କେହି ବ୍ରତ ରକ୍ଷା କରି ନାହାଁନ୍ତି । ସବୁଗୁଡ଼ାକ ଉପର ଠାଉରିଆ । ଠକିବା ପାଇଁ ଏଠିକି ଆସିଛନ୍ତି । ଖାଲି ଭୋଜନ କରିବୁ । ଦାନ ମିଳିଲେ ଅଣ୍ଟାରେ ଖୋସିବୁ । ଆଉ କିଛି ଲକ୍ଷ୍ୟ ନାହିଁ ।

ସୁଧୀରଞ୍ଜନ ହଁ ଗୁରୁଦେବ । ଆପଣଙ୍କ ଛଡ଼ା ଅନ୍ୟ କାହାର ମନ ପବିତ୍ର ନୁହେଁ ।

ସାଧୁ : ତାହାଲେ ତ, ମତେ ହିଁ ଏଥର କୁମ୍ଭମେଳା ଗଙ୍ଗାସ୍ନାନର ସୁଫଳ ମିଳିବା କଥା ।

ସୁଧୀରଞ୍ଜନ ନିଶ୍ଚୟ ଗୁରୁଦେବ । ଈଶ୍ୱର ଏତେ ନିର୍ଦ୍ଦୟ ନୁହଁନ୍ତି । ଏ ଗଙ୍ଗାସ୍ନାନର ସୁଫଳ ପ୍ରଭୁ ଆପଣଙ୍କୁ ହିଁ ଦେବେ ।

ସାଧୁ : ହଉ, ଫଳ ପ୍ରାପ୍ତିକୁ ଆମେ ଅପେକ୍ଷା କରିବା ।

Digitized by PPRACHIN, SOA

ସୁଧୀରଞ୍ଜନ ଆପଣଙ୍କ ଭଳି ସାଧୁଙ୍କୁ କ'ଣ ଏକଥା ଅଛପା ଥିବ ? ଆପଣ ତ ଧ୍ୟାନ କଲେ ସ୍ୱୟଂ ଈଶ୍ୱର ଆସି ଦେଖାଦେବେ । ଆପଣ ତାଙ୍କୁ ଗଙ୍ଗାସ୍ନାନର ସୁଫଳ ବିଷୟ ପଚାରିଲେ, ସେ କହିଦେଇପାରିବେ ।

ସାଧୁ ଠିକ୍ ଅଛି । ସେସବୁ ପରେ । ଏବେ ଚାଲ ଟିକିଏ ବିଶ୍ରାମ ନେବା । ବହୁତ କଷ୍ଟ କରିଛି ମାସ ସାରା । ବର୍ତ୍ତମାନ ଶରୀର ପାଇଁ ଟିକିଏ ବିଶ୍ରାମ ଲୋଡ଼ା ।

(ଅଳ୍ପ ଦୂରରେ ଯାଇ ଗୋଟିଏ ଅସ୍ଥାୟୀ କୁଟୀରରେ ଦୁହେଁ ବିଶ୍ରାମ ନେଲେ । ଶୋଇବା ସମୟରେ ସାଧୁ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ସ୍ୱୟଂ ଭଗବାନ୍ ବିଷ୍ଣୁ ଆସି ସାଧୁଙ୍କୁ ଦର୍ଶନ ଦେଲେ ।)

ବିଷ୍ଣୁ : (ଆଶୀର୍ବାଦ ମୁଦ୍ରାରେ ଠିଆ ହୋଇଛନ୍ତି । ତାଙ୍କ ଦେହରୁ ଜ୍ୟୋତି ବାହାରୁଛି । ଅନ୍ଧକାର କୁଟୀର ଆଲୋକିତ ହୋଇଛି ସେହି ଜ୍ୟୋତିରେ ।) ବତ୍ସ ! ଉଠ ବତ୍ସ ! !

ସାଧୁ : (ଉଠିପଡ଼ି) ପ୍ରଭୁ ଆପଣ ! ମୁଁ ଆଜି ଧନ୍ୟ ପ୍ରଭୁ । ଆପଣ ମୋତେ ଦର୍ଶନ ଦେଇ ଧନ୍ୟ କରିଛନ୍ତି ।

ବିଷ୍ଣୁ : ହଁ ବତ୍ସ । ତୁମ ମନରେ ମତେ କିଛି ପ୍ରଶ୍ନ ପଚାରିବା ପାଇଁ ଆଗ୍ରହ ସୃଷ୍ଟି ହୋଇଛି । ମୁଁ ଅନ୍ତର୍ଯାମୀ । ତୁମ ମନର କଥା ଜାଣିପାରି ତୁମକୁ ଦର୍ଶନ ଦେବା ପାଇଁ ଚାଲିଆସିଲି ।



ସାଧୁ : ଭଲ ହେଲା ପ୍ରଭୁ । ମୁଁ ଆପଣଙ୍କର ଜଣେ ବଡ଼ ଭକ୍ତ । ଆପଣଙ୍କ ନାମ ଭଜନ କରି ମୋ'ର ସାରା ଜୀବନ ବିତିଛି । ଶୟନେ, ସ୍ୱପନେ ଅବା ଜାଗରଣେ ମୁଁ କେବଳ ଆପଣଙ୍କ ନାମ ସ୍ମରଣ କରିଆସିଛି ।

ବିଷ୍ଣୁ : ସେସବୁ ମୁଁ ଜାଣେ ବତ୍ସ । ହେଲେ, ତୁମର ଅସଲ ଉଦ୍ଦେଶ୍ୟ କ'ଣ ପ୍ରକାଶ କରୁନ କାହିଁକି ?

ସାଧୁ : ଏଥର ଗଙ୍ଗାସ୍ନାନ କଥା ମୁଁ ଆପଣଙ୍କୁ କହିବାକୁ ଚାହେଁ ।

ବିଷ୍ଣୁ : ନିର୍ଭୟର ସହ କୁହ । ମୁଁ ଶୁଣିବାକୁ ଆସିଛି ।

ସାଧୁ : ଏଥର ଗଙ୍ଗାସ୍ନାନରେ ମୁଁ ନିଷ୍ଠାର ସହ ବ୍ରତପାଳନ କରିଛି । ଆହାର, ନିଦ୍ରା ତ୍ୟାଗ କରିଛି । ଜପ, ତପ, ଧ୍ୟାନରେ ହେଳା କରିନାହିଁ । ଅନ୍ୟ କେହି ସାଧୁ ଏଥର ମୋ'ଭଳି ନିଷ୍ଠା ଓ ଭକ୍ତିର ସହ ବ୍ରତପାଳନ କରିନାହାଁନ୍ତି । ଏହି ଦୁର୍ଲ୍ଲଭ କୁମ୍ଭମେଳା ଗଙ୍ଗାସ୍ନାନର ସୁଫଳ ପାଇବାକୁ ମୋ'ଛଡ଼ା ଅନ୍ୟ କେହି ଯୋଗ୍ୟ ନୁହଁନ୍ତି ପ୍ରଭୁ ।

ବିଷ୍ଣୁ : ତୁମେ ବହୁ କଷ୍ଟ କରି ଜପ, ତପ, ଧ୍ୟାନ କରିଛ । ଏକଥା ସତ । ହେଲେ ...

ସାଧୁ : ହେଲେ ... କ'ଣ ପ୍ରଭୁ ? ମୁଁ କ'ଣ ଏ କୁମ୍ଭମେଳା ଗଙ୍ଗାସ୍ନାନର ସୁଫଳ ପାଇବି ନାହିଁ ?

Digitized by PPRACHIN, SOA

ବିଷ୍ଣୁ : ମୁଁ ଉପାୟହୀନ ବତ୍ସ । ଏଥର କୁମ୍ଭମେଳା· ଗଙ୍ଗାସ୍ନାନର ସୁଫଳ କନକପୁରର ମୋଚି ବିନୟରାମକୁ ମିଳିସାରିଛି ।

ସାଧୁ : (ଆଶ୍ଚର୍ଯ୍ୟ ହୋଇ) ମୋଚି ବିନୟରାମ ? ? ଏ କ'ଣ ହେଲା ପ୍ରଭୁ ? ମୋର ପରିଶ୍ରମ ସବୁ ବୃଥା ହୋଇଗଲା ?

ବିଷ୍ଣୁ : ହଁ ବତ୍ସ । (ଏହା କହି ବିଷ୍ଣୁ ଅନ୍ତର୍ଦ୍ଧାନ ହୋଇଗଲେ ।)

ସାଧୁ : (ବ୍ୟସ୍ତ ହୋଇ) ପ୍ରଭୁ, ମୋ'ପ୍ରତି ଆପଣଙ୍କର ଏ କି କପଟ ପ୍ରଭୁ ? ପ୍ରଭୁ... ପ୍ରଭୁ...

(ଶିଷ୍ୟ ସୁଧୀରଞ୍ଜନ ସାଧୁଙ୍କ ପାଟିରେ ଉଠିପଡିଲେ ।)

ସୁଧୀରଞ୍ଜନ ଆପଣଙ୍କର କ'ଣ ହୋଇଛି ଗୁରୁଦେବ ? ଶୋଇଥିବା ବେଳେ ଏମିତି ବିଳିବିଳେଇ ହେଲେ କାହିଁକି ?

ସାଧୁ : ତମେ ସେସବୁ ବୁଝିପାରିବ ନାହିଁ । ମୁଁ ଏଇ ମୁହୂର୍ତ୍ତରେ କନକପୁର ଯାତ୍ରା କରୁଛି । ତମେ ଏଇଠି ମତେ ଅପେକ୍ଷା କର । ଆସିଲେ କହିବି ।

(ବ୍ୟସ୍ତ ବିବ୍ରତ ଭାବରେ ସାଧୁ ପ୍ରସ୍ଥାନ କଲେ । ମଞ୍ଚ ଅନ୍ଧାର ହେଲା ।)

ଦ୍ୱିତୀୟ ଦୃଶ୍ୟ

[ଆଲୋକିତ ହେଲା ମଞ୍ଚ । ଦେଖାଗଲା କନକପୁରର ମୋଚି ବିନୟରାମଙ୍କ ଘର । ବିନୟରାମ ଜୋତା ସିଲେଇରେ ମଗ୍ନ ।]

ସାଧୁ : (ବାହାରୁ) ଏଇ ତା'ହେଲେ ମୋଚି ବିନୟରାମର ଘର ? ବିନୟରାମ ଘରେ ଅଛ ?

ବିନୟ ହଁ, ହଁ । ମୁଁ ଘରେ ଅଛି । କିଏ ଖୋଜୁଛନ୍ତି ଦୟାକରି ଘର ଭିତରକୁ ଆସନ୍ତୁ ।

ସାଧୁ : (ଭିତରକୁ ଆସି) ତମ ନାଁ ବିନୟରାମ ?

ବିନୟ ହଁ ସାଧୁ ମହାରାଜ । ମୋ ନାଁ ବିନୟରାମ । ମୁଁ ଜାତିରେ ମୋଚି । ଜୋତା ସିଲେଇ କରି ପରିବାର ଚଳାଏ । ମୋ'ର ପ୍ରଣାମ ଗ୍ରହଣ କରନ୍ତୁ । (ମଥାନତ କରି ପ୍ରଣାମ କରିଛି ।)

Digitized by PPRACHIN, SOA

ସାଧୁ : ହେଲା... ହେଲା... (ମନରେ ସନ୍ଦେହ ସୃଷ୍ଟି ହୋଇଛି । ଗୁଣୁଗୁଣୁ ହୋଇ କହିଛନ୍ତି) ଏ ଲୋକ ତ ଜପ, ତପ, ଧ୍ୟାନ କରୁଥିବା ଭଳି ଜଣା ପଡୁନାହିଁ ? ୟା'କୁ ଗଙ୍ଗାସ୍ନାନର ସୁଫଳ ମିଳିଲା କେମିତି ?

ବିନୟ (ବସିବାକୁ ଆସନ ଦେଇ) ଆସନ ଗ୍ରହଣ କରନ୍ତୁ ସାଧୁ ମହାରାଜ । ମୋ' ଗରିବ କୁଡ଼ିଆକୁ ଆସି ମତେ ଧନ୍ୟ କରିଛନ୍ତି ଆପଣ । କୁହନ୍ତୁ, ମୁଁ କି ସେବା କରିପାରେ ଆପଣଙ୍କର ?

ସାଧୁ : ମୋ'ର କୌଣସି ସେବା ଲୋଡ଼ାନାହିଁ ।

ବିନୟ ଯାହା ହେଲେ ମଧ୍ୟ ଆପଣ ମୋ'ର ଅତିଥି । ଅଳ୍ପ ସମୟ ଅପେକ୍ଷା କରନ୍ତୁ । ମୁଁ ଘର ଭିତରକୁ ଯାଇ ଆସୁଛି ।

(ବିନୟ ଏମିତି କହି ଭିତରକୁ ଚାଲିଯାଇଛି । ହାତରେ ପିଢ଼ା ଓ ପାଣିଢ଼ାଳ ଧରି ଆସିଛି । ସାଧୁଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ପାଦ ଧୋଇଛି । ପାଦଧୂଆ ପାଣିକୁ ନିଜ ମଥାରେ ମାରିଛି ।)

ସାଧୁ : ଏସବୁ ଲୋକ ଦେଖାଣିଆ ସେବା କିଛି ଦରକାର ନଥିଲା ।

ବିନୟ ଯଦି ଅନୁମତି ଦିଅନ୍ତେ, ଆପଣଙ୍କ ଆହାର ପାଇଁ ଫଳମୂଳ କିଛି ଆଣିଥା'ନ୍ତି । ମୋ'ଭଳି ନୀଚ ଜାତି ଲୋକ ଘରେ ଆପଣ ତ ଅନ୍ନ ଛୁଇଁବେ ନାହିଁ । ସେଥିପାଇଁ ...

ସାଧୁ : କିଛି ଆବଶ୍ୟକ ନାହିଁ । ତମେ ବସ । ମୁଁ ତୁମକୁ ଗୋଟେ ପ୍ରଶ୍ନ ପଚାରିବାକୁ ଆସିଛି । ମତେ କୁହ, ତମେ କ'ଣ ସ୍ନାନ ପାଇଁ ପ୍ରୟାଗ ଯାଇଥିଲ ?

ବିନୟ ଯାଇପାରିଲି କୋଉଠି । ବହୁ ଆଗରୁ ଏଥିପାଇଁ ପ୍ରସ୍ତୁତ ହୋଇ ରହିଥିଲି । ପାଞ୍ଚଶହ ଟଙ୍କା ମଧ୍ୟ ସଞ୍ଚୟ କରି ରଖିଥିଲି । ହେଲେ, ସ୍ନାନକୁ ବାହାରିବା ପୂର୍ବରାତିରେ କ'ଣ ହେଲା ଜାଣନ୍ତି ?

ସାଧୁ : କ'ଣ ହେଲା ?

(କଥାବାର୍ତ୍ତା ଭଙ୍ଗୀରେ ଉଭୟେ ସ୍ଥାଣୁ ହୋଇ ଠିଆ ହେଲେ । ମଞ୍ଚ ଅନ୍ଧାର ହେଲା । ପୁନଶ୍ଚ ଆଲୋକିତ ହେଲା ମଞ୍ଚ । ଦେଖାଗଲା, ବିନୟରାମର ଘର ବାହାରେ ଜଣେ ମହିଳା ବସି କାନ୍ଦୁଛି । ତା'ସହ ଅଛନ୍ତି ତିନୋଟି ସନ୍ତାନ ।)

Digitized by PPRACHIN, SOA

ମହିଳା (କଇଁ କଇଁ ହୋଇ) କିଏ ଅଛ ବାବୁ ମତେ ଦୟାକର । ଗଣ୍ଡେ ଖାଇବାକୁ ଦେଇ ମୋ ପିଲାଙ୍କ ଜୀବନ ବଞ୍ଚାଅ ।

ବିନୟ (କାନ୍ଦ ଶୁଣି ବାହାରକୁ ଆସିଛି) କିଏ ତୁମେ ମା' ? ଏଠି ବସି କାନ୍ଦୁଛ କାହିଁକି ?

ମହିଳା ମୋ' ଘର ଏଇ କନକପୁର । ମୋ ସ୍ୱାମୀ ମରିଯାଇଛନ୍ତି । ସାହା ଭରସା ମୋ'ର ନାହିଁ । ପର ଘରେ କାମ କରି ପେଟ ପୋଷୁଥିଲି ।

ବିନୟ ଏବେ ତମର କ'ଣ ହୋଇଛି ମା' ?

ମହିଳା ପାଞ୍ଚଦିନ ହେବ ମୋତେ ଜ୍ୱର । କାମ କରିବାକୁ ଯାଇପାରିଲି ନାହିଁ । ମୋ' ପିଲା ଏବେ ପୂରା ଉପାସ । ମୁଁ ତାଙ୍କ ମୁହଁରେ ଭାତ ମୁଠାଏ ଦେଇପାରୁନାହିଁ ବାବୁ ।

ବିନୟ ବ୍ୟସ୍ତ ହୁଅନା ମା' । ମୁଁ ଘରୁ ସମସ୍ତଙ୍କ ପାଇଁ ଖାଦ୍ୟ ଆଣି ଦେଉଛି । (ଭିତରକୁ ଯାଇଛି)

ମହିଳା ଠାକୁରେ ତମକୁ କୋଟି ପରମାୟୁ ଦିଅନ୍ତୁ । ତମ ପରିବାରର ମଙ୍ଗଳ ହେଉ ।

ବିନୟ (ଖାଦ୍ୟ ଧରି ଆସିଛି) ଏଇ ନିଅ ମା' । ତମ ପିଲାଙ୍କୁ ଖାଇବାକୁ ଦିଅ । ଆଉ ତମେ ମଧ ଖାଅ । ଆଗେ ଖାଇସାର ତା'ପରେ ଯୋଉକଥା ।

ମହିଳା ଧନ୍ୟ ତୁମେ ବାବୁ । ଭୋକିଲା ପିଲାଙ୍କ ମୁହଁରେ ଆଧାର ଦେଇଛ । ତମର ବହୁତ ଧର୍ମ ହେବ । (ପିଲାଙ୍କୁ ଭାତ ଖୁଆଇ ନିଜେ ରୁଟି ଖାଇଛି)

ବିନୟ (ହାତରେ ଆଣିଥିବା ଲୁଗାପଟା ଦେଇ) ଏଇ ନିଅ ମା', ତମ ପାଇଁ ଲୁଗାପଟା ଆଣିଛି । ଆମ ଘରେ ଥିଲା । ଦୟାକରି ସେ ଛିଣ୍ଡା ଲୁଗା ବଦଳେଇ ଏ ଲୁଗା ପିନ୍ଧିଦିଅ ।

ମହିଳା (ଲୁଗାକୁ ହାତରେ ଧରିଛି) ହେଲେ ବାବୁ, ଏତିକିରେ ତ ମୋ ଦୁଃଖ ଯିବ ନାହିଁ । କାଲିକି କ'ଣ କରିବି ? ଏ ପିଲାଙ୍କ ତୁଣ୍ଡରେ କୋଉଠୁ ଆହାର ଆଣିଦେବି ?

ବିନୟ ଠିକ୍ ଅଛି । ମୁଁ ଭିତରୁ ଆସୁଛି । ତମେ ଅପେକ୍ଷା କର ।
(ମହିଳା ଅପେକ୍ଷା କରିଚି । ବିନୟରାମ ଭିତରୁ ହାତରେ ଟଙ୍କା ଧରି ଆସିଛି)
ଏହି ନିଅ ମା' । ପାଞ୍ଚଶହ ଟଙ୍କା ଅଛି । ମୁଁ ଏହାକୁ ସଞ୍ଚୟ କରିଥିଲି ତୀର୍ଥକୁ ଯାଇ ଗଙ୍ଗାସ୍ନାନ କରିବାକୁ । ମୋ'ର ଗଙ୍ଗାସ୍ନାନ ନ ହେଲା ନାହିଁ । ତମେ ଅନ୍ତତଃ ତମ ପିଲାଙ୍କ ପାଇଁ ଏଥିରେ ଆହାର ବ୍ୟବସ୍ଥା କର । କିଛିଦିନ ଚଳିଗଲେ ପରେ ଦେଖିବା ।



Digitized by PPRACHIN, SOA

ମହିଳା ତମେ ମଣିଷ ନୁହଁ ଦେବତା । ତମ ଉପକାର ମୁଁ ଜୀବନରେ ଶୁଝି ପାରିବିନାହିଁ ବାବୁ । ଠାକୁର ତମର ମଙ୍ଗଳ କରନ୍ତୁ ।

(ମହିଳା ପିଲାଙ୍କୁ ଧରି ବିଦାୟ ନେଇଛି । ମଞ୍ଚ ଅନ୍ଧକାର ହେଲା । ପୁନଶ୍ଚ ମଞ୍ଚ ଆଲୋକିତ ହେଲା । ଦେଖାଗଲା, ପୂର୍ବଭଳି ସାଧୁ ଓ ବିନୟରାମ ସ୍ଥାଣୁ ଅବସ୍ଥାରେ ଅଛନ୍ତି)



ବିନୟ ସେ ମହିଳାର ଦୁଃଖ ମୁଁ ସହିପାରିଲି ନାହଁ । ସଞ୍ଚ ରଖିଥିବା ସବୁ ପଇସାତକ ତା' ହାତକୁ ବଢ଼େଇ ଦେଲି । ଆଉ ପ୍ରୟାଗ ଯାଇଥା'ନ୍ତି କେମିତି ?

ସାଧୁ : ଆଚ୍ଛା ! ତମେ ଆଗ କହିଲ, କେବେ ଭଗବାନ୍‌ଙ୍କ ନାମ ନେଇ ଜପ, ତପ, ଧ୍ୟାନ କରିଛ ?

ବିନୟ ଏସବୁ କରିବାକୁ ମୋ'ର ସମୟ କାହିଁ? ଦିନରାତି ତ ମୋ'ର ଏଇ ଜୋତା ସିଲେଇ କାମରେ ବିତୁଛି । ନିଜ କର୍ମରୁ ବିଶ୍ରାମ ମିଳିଲେ ସିନା ଜପ, ତପ, ଧ୍ୟାନ କରିବି । ତା'ଛଡ଼ା, ମୋ ବିଚାରରେ ଏଇ କର୍ମ ହିଁ ମୋ'ର ଭଗବାନ୍ । ହେଲେ କ'ଣ ହୋଇଛି ସାଧୁ ମହାରାଜ, ଆପଣ ଏ ପ୍ରଶ୍ନ ପଚାରିଲେ କାହିଁକି ?

ସାଧୁ : ତୁମେ ସେସବୁ ଶୁଣି କିଛି ଲାଭ ନାହିଁ । ଗୋଟେ ସାମାନ୍ୟ ମୋଚି । ଜୋତା ସିଲେଇ ଯାହାର କାମ । ସେ ପୁଣି... ଧିକ୍... ଧିକ୍...

(ରାଗ ତମତମ ହୋଇ ସାଧୁ ଚାଲିଗଲେ । ବିନୟରାମ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଛି ।)

– ମଞ୍ଚ ଅନ୍ଧାର ହେଲା –

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ମଞ୍ଚ ଆଲୋକିତ ହେଲା । ଦେଖାଗଲା, ସାଧୁ ବସିଛନ୍ତି ଗୋଟିଏ ଗଛ ମୂଳେ । ତାଙ୍କ ମୁହଁରେ କ୍ରୋଧର ନିଆଁ ।]

ସାଧୁ : ଏ ଆପଣ କ'ଣ କଲେ ପ୍ରଭୁ ? ଯିଏ ଦିନେହେଲେ ଜପ, ତପ, ଧ୍ୟାନ କରିନାହିଁ, ଯାହାକୁ ଶାସ୍ତ୍ର ଜଣା ନାହିଁ, କୁମ୍ଭମେଳାକୁ ଆସି ବ୍ରତ କରିନାହିଁ, ସେଭଳି ଗୋଟିଏ ନିପଟ ମୂର୍ଖ, ସାମାନ୍ୟ ମୋଚିକୁ ଗଙ୍ଗାସ୍ନାନର ସବୁତକ ପୁଣ୍ୟ ଦେଇଦେଲେ ?

ବିଷ୍ଣୁ : (ଦର୍ଶନ ଦେଇ) ସାମାନ୍ୟ କ୍ରୋଧକୁ ଯିଏ ଛାଡ଼ିପାରେ ନାହିଁ, ତା'ହେଲେ ସେ ତ୍ୟାଗ କରିଛି କ'ଣ ? ତା'ଛଡ଼ା ତମ ମନରେ ଗର୍ବ, ଅହଂକାର ବସା ବାନ୍ଧି ରହିଛି । ନିଜକୁ ଭାବୁଛ ଜଣେ ମହାନ୍ ସାଧୁ । ଅନ୍ୟମାନଙ୍କୁ ହେୟ ମନେକରୁଛ । ତମେ ଯେଉଁ ବ୍ରତ କରିଥିଲ, ତାହା କାମନା ବିହୀନ ନୁହେଁ । ପୁଣ୍ୟଲାଭର ଉଦ୍ଦେଶ୍ୟ ରଖି ତମେ ପ୍ରୟାଗ ଯାଇଥିଲ ।

ସାଧୁ : ତା'ହେଲେ, ସେ ମୋଚି ବିନୟରାମ କ'ଣ ଏସବୁ ଗୁଣର ଅଧିକାରୀ ?

ବିଷ୍ଣୁ : ତା'ର କାମନାବିହୀନ ହୃଦୟ ଅଛି । ସେ କର୍ମକୁ ଭଗବାନ୍ ଭାବି ଜୀବନ ବିତେଇ ଚାଲିଛି । ତା' ମନରେ କ୍ରୋଧ, ଗର୍ବ, ଅହଂକାର ନାହିଁ । ଦରକାରବେଳେ ସେ ଭୋକିଲା, ଅସହାୟର ସେବା କରୁଛି ।

ସାଧୁ : ହେଲେ, ସେ ତ ତୀର୍ଥସ୍ଥାନ ଭ୍ରମଣ କରିନାହିଁ ? ଗଙ୍ଗାସ୍ନାନ କରିନାହିଁ ?

ବିଷ୍ଣୁ : ମନେରଖ, ଖାଲି ଗଙ୍ଗାରେ ସ୍ନାନ କଲେ କି, ତୀର୍ଥସ୍ଥାନ ଭ୍ରମଣ କଲେ ଯେ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି; ତା' ନୁହେଁ । ମୋଚି ବିନୟରାମ ଭଳି ଯାହା ପାଖରେ କାମନାବିହୀନ ନିର୍ମଳ ହୃଦୟ ଅଛି । ଗର୍ବ, ଅହଂକାର, କ୍ରୋଧ, ହିଂସା ଠାରୁ ଦୂରରେ ରହି ଯିଏ ଅସହାୟ ମଣିଷର ସେବା କରିପାରେ, ସେ ଘରେ ବସିଥିଲେ ବି ହଜାରେ ଗଙ୍ଗାସ୍ନାନର ଫଳ ତା'ପାଖରେ ପହଞ୍ଚିଯାଏ ।

(ସାଧୁ ଏହା ଶୁଣି ଚୁପ୍ ହୋଇଗଲେ ।)

– ଯବନିକା –

Digitized by PPRACHIN, SOA

ବନ୍ଧୁ ମହାନ୍ତି

ପ୍ରଥମ ଦୃଶ୍ୟ

[ଯାଜପୁରରେ ହରିଭକ୍ତ ବନ୍ଧୁ ମହାନ୍ତିଙ୍କ ଘର । ଘରେ ଅଛନ୍ତି ତାଙ୍କ ସ୍ତ୍ରୀ ସତୀ, ଦୁଇ ଝିଅ ଓ ଗୋଟିଏ ପୁଅ । ଦୁର୍ଭିକ୍ଷ ଲାଗି ରହିଥିବାରୁ ଲୋକମାନେ ଖାଇବାକୁ ନ ପାଇ ଛଟପଟ ହେଉଛନ୍ତି । ବନ୍ଧୁ ମହାନ୍ତିଙ୍କ ପରିବାର ତିନିଦିନ ହେବ କିଛି ଖାଇ ନାହାଁନ୍ତି । ପିଲାମାନେ କଷ୍ଟ ସହିନପାରି ମା' ସତୀଙ୍କୁ ଖାଇବାକୁ ମାଗିଲେ ।]

ବଡ଼ ଝିଅ   ବୋଉ, ବୋଉ ଭୋକରେ ପେଟ ଜଳୁଛି । ଆମେ କ'ଣ ଏମିତି ଭୋକରେ ରହିବୁ ?

ପୁଅ   ବୋଉ, ଖାଇବାକୁ ଦେ ।

ସାନ ଝିଅ   ତିନି ଦିନ ହେଲା ପେଟରେ କିଛି ପଡ଼ିନି । ତୁ କୋଉଠୁ ହେଲେ କିଛି ଆଣି ଆମକୁ ଖାଇବାକୁ ଦେ ବୋଉ ।

ସତୀ   ତମମାନଙ୍କ ଦୁଃଖ ଆଉ ମୁଁ ସହିପାରୁନି । କି କାଳ ପଡ଼ିଲା ଯେ, କାହା ପାଖରେ କିଛି ନାହିଁ । ବଡ଼ ସାନ ସମସ୍ତେ ଉପାସ । ଆମ କଥା କିଏ ପଚାରୁଛି, ତମମାନଙ୍କ ପାଇଁ କିଛି କୁଆଡୁ ମିଳିଯା'ନ୍ତା ଭଲା ।

ବଡ଼ ଝିଅ   ବାପା କୁଆଡେ ଯାଇଛନ୍ତି ବୋଉ ?

ସତୀ   ତମରିମାନଙ୍କ ମୁହଁରେ ଦାନା ଦେବା ପାଇଁ କୋଉଠୁ କିଛି ଯୋଗାଡ କରି ଆଣିବାକୁ ମୁଁ ତାଙ୍କୁ ପଠେଇ ଦେଇଛି ।

ପୁଅ   ବୋଉ ତୁ ସତ କହୁଛୁ, ବାପା ଯାଇଛନ୍ତି ଆମ ପାଇଁ ଖାଇବା ଆଣିବାକୁ ?

ସତୀ   ହଁ ରେ ଧନ । ସେତିକିବେଳୁ ଯାଇଛନ୍ତି ଯେ, ଏ ଯାଏଁ ଆସିନାହାଁନ୍ତି । (ଏତିକିବେଳେ ବାହାରୁ ପାଟି ଶୁଭିଲା ।)

ବଡ଼ ଝିଅ   ବାପା ଆସିଲେଣି ଲୋ ବୋଉ । (ଖାଲି ହାତରେ ଫେରିଥିବା ବନ୍ଧୁ ମହାନ୍ତି ଆସି ଦୁଃଖରେ ଠିଆ ହେଲେ ।)

ବନ୍ଧୁ :   କୋଉଠି କିଛି ମିଳିଲା ନାହିଁ ସତୀ । ଖାଲି ହାତରେ ଫେରିଆସିଛି । ଏ ସମୟରେ କେହି କାହା ମୁହଁକୁ ଚାହୁଁ ନାହାଁନ୍ତି । ସମସ୍ତେ ତ ଭୋକିଲା, କିଏ କାହାକୁ ସାହାଯ୍ୟ କରିବ ?

ସତୀ   ଏ ପିଲାଙ୍କ ମୁହଁରେ କିଛି ନଦେଲେ ଏମାନେ ଆଉ ବଞ୍ଚିବେଟି ?

ବନ୍ଧୁ :   ମୁଁ ଆଉ କ'ଣ କରିପାରିବି କହିଲ ? ଯାହା ହରିଙ୍କ ଇଚ୍ଛା । ସେ ହିଁ ଆମ କୋଳରେ ଏ ପିଲାମାନଙ୍କୁ ଦେଇଛନ୍ତି । ସେ ଚାହିଁବେ ଯଦି ଆମ କୋଳରୁ ଛଡ଼ାଇ ନେବେ । ଏଥିକି ଆମର ଉପାୟ କ'ଣ ?

Digitized by PPRACHIN, SOA



ସତୀ ମୋର ତ ବାପ ଘରେ କେହି ନାହାଁନ୍ତି । ତମର କ'ଣ କେହି ନିଜର ଲୋକ ନାହାଁନ୍ତି ?

ବନ୍ଧୁ : କିଏ ଆଉ ଅଛନ୍ତି ? ମୁଁ ତ ଜଣେ ଅନାଥ ଲୋକ । କେବଳ ଜଣେ ବନ୍ଧୁଙ୍କ ଛଡା ଅନ୍ୟ କାହାକୁ ଜାଣେ ନାହିଁ ।

ସତୀ ସେ ଜଣକ କିଏ ? ତାଙ୍କ ଘର କେଉଁଠି ?

ବନ୍ଧୁ : ତାଙ୍କ ଘର ନୀଳାଚଳ ଧାମରେ । ତାଙ୍କ ପାଖରେ ପହଞ୍ଚିପାରିଲେ ସବୁ ବିପଦ କଟିଯିବ । ଆଉ ଦୁଃଖ ରହିବନାହିଁ । ସେ ପରା ଅନାଥର ନାଥ, ଦୁଃଖୀଜନର ବନ୍ଧୁ ।

ସତୀ ଏକଥା ଆଜିଯାଏଁ କହି ନଥିଲ କାହିଁକି ? ଚାଲ ତାଙ୍କ ପାଖକୁ ଯିବା । ଏ ବିପଦରେ ସେ ଆମକୁ ସାହା ହେବେ ।

ବନ୍ଧୁ : ଏତେ ଗୁଡ଼ାଏ ବାଟ, ଯିବା କେମିତି ? ତା'ଛଡ଼ା ଏ ପିଲାମାନଙ୍କୁ ଛାଡ଼ି...

ସତୀ ସେମାନେ ବି ଆମ ସାଙ୍ଗରେ ଯିବେ । ମୁଁ ଜଣକୁ କାଖରେ ଧରିବି । ତମେ ଜଣକୁ କାନ୍ଧରେ ଧରିବ । ବଡ଼ ଝିଅ ଚାଲି ଚାଲି ଯିବ ।

ବଡ଼ ଝିଅ ହଁ ବାପା ଚାଲ । ଏଠି ଉପାସରେ ପଡ଼ିରହିବା ଅପେକ୍ଷା ବନ୍ଧୁଘରକୁ ଯାଇ ଭଲରେ ରହିବା ।

ବନ୍ଧୁ : ଠିକ୍ ଅଛି । ମୋର ଭାରି ଇଚ୍ଛା ଥିଲା ସେ ବନ୍ଧୁଙ୍କୁ ଆଖି ପୂରେଇ ଦେଖିବାକୁ । ଯାହାକୁ ଥରେ ଦେଖିଦେଲେ ଆଉ ଦୁଃଖ ରହିବ ନାହିଁ । ଚାଲ ତା'ହେଲେ ସମସ୍ତେ ବାହାରି ପଡ଼ିବା ।

– ଅନ୍ଧାର –

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର । ସିଂହଦ୍ୱାରଠି ଠିଆ ହୋଇଛନ୍ତି ବନ୍ଧୁ ମହାନ୍ତିଙ୍କ ପରିବାର । ପାଞ୍ଚଦିନ ଧରି ଚାଲିଚାଲି ଆସିଥିବାରୁ ହାଲିଆ ହୋଇପଡ଼ିଛନ୍ତି ପିଲାମାନେ ।]

ସାନ ଝିଅ   ମୁଁ ଆଉ କୁଆଡ଼େ ଯାଇ ପାରିବିନି ବୋଉ ।

ପୁଅ   ହଁ ବୋଉ, ନ ଖାଇଲେ ଆମେ ଚାଲିବୁ କେମିତି ?

ସତୀ   ହେଇଟି ଶୁଣୁଛ, କହିଲ ଦେଖି ତମ ସେ ବନ୍ଧୁ ଘର ଆଉ କେତେ ବାଟ ?

ବନ୍ଧୁ :   ହେଇଗଲା ସତୀ, ବନ୍ଧୁଘର ହେଇଗଲା । (ତଳେ ଲମ୍ବ ହୋଇ ଶୋଇଗଲେ । ଧୂଳିରେ ମଥା ଛୁଆଁଇ ଗୁଣୁ ଗୁଣୁ ସ୍ୱରରେ କହିଚାଲିଲେ) ଏତେ ବଡ଼ ଦୁଃଖରେ ତମେ ହିଁ ସାହା ଭରସା ଠାକୁର । ତମ ଶ୍ରୀଚରଣ ତଳେ ମୋର ପ୍ରାର୍ଥନା ପ୍ରଭୁ, ମୋତେ ଏ ବିପଦରୁ ଉଦ୍ଧାର କର । ତମ ଛଡ଼ା ଆଉ କିଏ ବନ୍ଧୁ ଅଛି ଯେ !

ସତୀ   ଏଠି ଏମିତି କ'ଣ ପଡ଼ିରହିଲ । ବନ୍ଧୁଘରକୁ ଯିବ ନାହିଁ କି ?

ବନ୍ଧୁ :   (ଉଠିପଡ଼ି) ହଁ ଯିବା । ଦେଖୁଛ, କେତେ ଗହଳ ଚହଳ ଲାଗିଛି । ଗହଳିରେ ବନ୍ଧୁ ଆମକୁ ଚିହ୍ନିପାରିବେ ନାହିଁ । ଟିକିଏ ଫାଙ୍କାହେଲେ ଯିବା ।

ବଡ଼ ଝିଅ   ଆଉ ପାହୁଣ୍ଡେ ଚାଲିବାକୁ ଆମଠି ବଳ ନାହିଁ । ଏଠି ପଛେ ମରିବୁ । ଆଉ କୁଆଡ଼େ ଯିବାକୁ ଆମକୁ କହ ନାହିଁ । (କାନ୍ଦି ଉଠିଲେ ପିଲାଏ ଏକା ସାଙ୍ଗେ । ଏହା ଦେଖି ସ୍ୱାମୀ ସ୍ତ୍ରୀ ଦି'ଜଣ ମଧ୍ୟ ଆଖିରୁ ଲୁହ ପୋଛିଲେ ।)

ବନ୍ଧୁ :   ଆସ ଏଇଠି ବିଶ୍ରାମ ନେବା । (ପିଲାମାନଙ୍କ ହାତ ଧରି ମେଘନାଦ ପାଚେରୀ କଡ଼କୁ ନେଇଗଲେ । ତଳେ ଗଣ୍ଠିଲି ଥୋଇଦେଲେ । ପେଜନଳାରୁ ସମସ୍ତେ ପେଟେ ପେଟେ ପେଜ ପିଇଲେ । କାନି ପାରି ଦେଇ ବସିପଡ଼ିଲେ । ପିଲାମାନଙ୍କୁ ନିଦ ଆସିଗଲା ।) ହେଇଗଲା ଏଥର । ଆମର ଯାତ୍ରା ସରିଗଲା । ଦଦରା ନାଆଟା ଲାଗିଗଲା କୂଳରେ । ସବୁ ଦୁଃଖ ଦୂର ହୋଇଯିବ । ଆସ ଶୋଇପଡ଼ିବା, ରାତି



Digitized by PPRACHIN, SOA

ପାହିଲେ ଯାଇ ଯୋଉ କଥା । (ବନ୍ଧୁଙ୍କ ସହ ତାଙ୍କ ସ୍ତ୍ରୀ ମଧ୍ୟ ଶୋଇପଡ଼ିଲେ । ରାତି ବାରଟା ହେବ, ଜଣେ ବ୍ରାହ୍ମଣ ଆସି ଦକ୍ଷିଣଦ୍ୱାରଠି ଡାକିଲେ - ହାତରେ ତାଙ୍କର ରତ୍ନଥାଳିରେ ଭୋଗ ।)

ବ୍ରାହ୍ମଣ ହେ ବନ୍ଧୁ ମହାନ୍ତି ! ହେ ବନ୍ଧୁ ! ହେ ଯାଜପୁରିଆ ବନ୍ଧୁ !

ସତୀ (ବନ୍ଧୁଙ୍କୁ ଉଠାଇ) ହେଇଟି ଶୁଣୁଛ । କିଏ ପରା ତୁମକୁ ଡାକୁଛନ୍ତି ।

ବନ୍ଧୁ : ଏ ଅଜଣାପୁରୀରେ ଆମକୁ କିଏ ଚିହ୍ନିଛି ଯେ, ଡାକିବ । ତମେ ଶୋଇପଡ଼ ।

ସତୀ ନାଇଁହେ । ସେ ପରା ତମ ନାଁ ଧରି ଡାକୁଛନ୍ତି ।

ବନ୍ଧୁ : ସତ କହୁଛ ?

ସତୀ ହଁ ପରା, ତମେ କାନ ଦେଇ ଶୁଣୁନ, ଠିକ୍ ଜାଣିପାରିବ ।

(ଏତିକିବେଳେ ଆଉଥରେ "ଯାଜପୁରିଆ ବନ୍ଧୁ" ଡାକ ଶୁଭିଲା ।)

ବନ୍ଧୁ : (ଉଠି ଚାଲିଲେ) ଯାଇ ଦେଖେ, କିଏ ସେ ମତେ ଡାକୁଛନ୍ତି । କାହିଁକି ଡାକୁଛନ୍ତି । (ଡାକୁଥିବା ଲୋକ ପାଖକୁ ଗଲେ ।)

ବ୍ରାହ୍ମଣ (ହସି ହସି) ଏଇ ନିଅ ବନ୍ଧୁ । ତମ ପାଇଁ ଅନ୍ନଭୋଗ ।

ବନ୍ଧୁ : (ଆଶ୍ଚର୍ଯ୍ୟ ହୋଇ) ଆପଣ... ?

ବ୍ରାହ୍ମଣ ତମ ପରିବାର ପରା ଉପାସ ଅଛନ୍ତି । ଏ ଅନ୍ନଭୋଗରେ ପରିବାରର କ୍ଷୁଧା ନିବାରଣ କର । ନିଅ ସଙ୍କୋଚ କର ନାହିଁ । (ବନ୍ଧୁ ଭୋଗଥାଳି ଧରି ପିଲାମାନଙ୍କ ପାଖକୁ ଆସିଲେ । କେତେଦିନ ଧରି ଅନ୍ନ ତାଙ୍କ ପେଟରେ ପଡ଼ିନଥିଲା । ସମସ୍ତେ ମହାଖୁସିରେ ଖାଇଲେ ।)

ବନ୍ଧୁ : (ଉଠି ଚାଲିଲେ ଭୋଗଥାଳି ଫେରାଇବାକୁ) କାହିଁ କିଏ ତ ଦିଶୁନାହାଁନ୍ତି । ଏ ଭୋଗଥାଳି ମତେ ଯିଏ ଦେଇଥିଲେ ସିଏ ଏବେ ଗଲେ କୁଆଡ଼େ ? (ବଡ଼ ପାଟିରେ) ମାଲିକେ, ତମ ଥାଳି ନିଅ । (କିଛି ସମୟ ଡାକିବା ପରେ) ନାଁ, କେହି ଶୁଣୁ ନାହାଁନ୍ତି । ଆଉ କେତେ ସମୟ ଅପେକ୍ଷା କରିବି ? ଯାଇ ଶୋଇପଡ଼ିବା, ସକାଳ ହେଲେ ଦେଖିବା । କେମିତି ଲୋକ କେଜାଣି । ଭୋଗ ଦେବାକୁ ଆସିଲେ, ଥାଳି ଫେରାଇଲା ବେଳକୁ ଆଉ ଏଠି ନାହାନ୍ତି । (ଫେରିଯାଇ ନିଜ ପାଖରେ ଥାଳିକୁ ରଖିଲେ । ତା'ଉପରେ ମୁଣ୍ଡ ଦେଇ ଶୋଇପଡ଼ିଲେ । ହାଲିଆ ହୋଇ ଆସିଥିଲେ । ତାଙ୍କୁ ଗାଢ଼ ନିଦ ହୋଇଗଲା । ସକାଳ ହେଲା ଜାଣିପାରିଲେ ନାହିଁ । ମନ୍ଦିର ସେବକ ଚାରି ପାଞ୍ଚ ଜଣ ରତ୍ନଥାଳି ଖୋଜି ଖୋଜି ଆସି

Digitized by PPRACHIN, SOA

ସେଠି ପହଞ୍ଚିଲେ ।)

୧ମ ସେବକ : ବେହିପୁଅ ଚୋର ଏଇଠି । ଆମେ ତେଣେ ଖୋଜୁଛୁ ।

୨ୟ ସେବକ : ଆରେ ଦେଖରେ, ଠାକୁରଙ୍କ ରତ୍ନଥାଳିକୁ ଚୋରାଇ ଆଣି ନିଦରେ ଶୋଇଯାଇଛି ।

୧ମ ସେବକ : ଦେଖ କେଡ଼େ ସାହସ ତା'ର । ବଡ଼ ଦେଉଳରେ ପଶି ଠାକୁରଙ୍କ ରତ୍ନଥାଳି ଚୋରି କରିଛି ।

୨ୟ ସେବକ : ହଇରେ ଭିକାରି ତତେ ଶୁଭୁନି ଆମ କଥା ?

୧ମ ସେବକ : ତାକୁ କ'ଣ ସେମିତି ଶୁଭିବ । ଚଇତନ ବାଜିଲେ ଠିକ୍ ଶୁଭିବ । (ସମସ୍ତେ ମିଶି ବନ୍ଧୁ ମହାନ୍ତିଙ୍କୁ ବିଧା ଗୋଇଠା ମାରିଲେ ।)

ବନ୍ଧୁ : (କାକୁତି ମିନତି ହୋଇ) ମତେ କାହିଁ ମାରୁଛ ବାବୁମାନେ ?

୨ୟ ସେବକ : କିଛି ଜାଣିନୁ । ଆରେ ଠାକୁରଙ୍କ ଏ ରତ୍ନଥାଳି କିଏ ଚୋରି କରିଛିବେ ?

ବନ୍ଧୁ : ମୋର କିଛି ଭୁଲ ନାହିଁ ବାବୁମାନେ । କିଏ ଜଣେ ଆସି ରାତିରେ ମତେ ଭୋଗ ଦେଇଥିଲେ । ସେ ଭୋଗତକ ଆମେ ଖାଇସାରିବା ପରେ ଥାଳି ଫେରାଇବାକୁ ଯାଇ ଦେଖିଲି ସେ ଆଉ ସେଠି ନାହାଁନ୍ତି । ଯେତେ ଡାକିଲି କେହି ଶୁଣିଲେ ନାହିଁ । ବାଧ୍ୟ ହୋଇ ଥାଳିକୁ ଫେରେଇ ଆଣି ନିଜ ପାଖରେ ରଖିଲି । ମୋର କିଛି ଭୁଲ ନାହିଁ ପଣ୍ଡାଏ ।

୧ମ ସେବକ :ଶଳା ଚୋରି କରି ବାହାନା କରୁଛି । ବନ୍ଦିଶାଳାକୁ ନେଇଗଲେ ଠିକ୍ କଥା ବାହାରି ପଡ଼ିବ ।

୨ୟ ସେବକ : ଚାଲରେ ପାପୀ । ଦେଖିବା କୋଉ ଲୋକ ଏ ଥାଳି ଦେଇଛି । ଠିକ୍ କଥା ସେଇଠି ଜଣାପଡ଼ିବ । (ପିଲାମାନେ କାନ୍ଦି ଉଠିଲେ । ସତୀ ସେବକମାନଙ୍କୁ ନେହୁରା ହେଲେ ।)

ସତୀ ତାଙ୍କୁ ଛାଡ଼ି ଦିଅନ୍ତୁ । ତାଙ୍କର କିଛି ଦୋଷ ନାହିଁ । (କିଛି ନଶୁଣି ସେବକମାନେ ବନ୍ଧୁ ମହାନ୍ତିଙ୍କୁ ଘୋଷାରି ଘୋଷାରି ନେଇଗଲେ ।)

ବନ୍ଧୁ : ସବୁ ସେଇ ଜଗବନ୍ଧୁର ଲୀଳା, ଯିଏ ଏ ଦୁଃଖ ଦେଇଛି, ସେ ହିଁ ଏ ଦୁଃଖ ଦୂର କରିବ । ତମେ ବ୍ୟସ୍ତ ହୁଅନାହିଁ ସତୀ । ପିଲାମାନଙ୍କୁ ବୁଝେଇ ରଖ । ଦେଖିବ ଜଗବନ୍ଧୁ ଆମକୁ ନିଶ୍ଚୟ ସାହାହେବେ । (ବନ୍ଧୁ ମହାନ୍ତିଙ୍କୁ ସେବକମାନେ ନେଇ ଚାଲିଗଲେ । ପିଲାମାନଙ୍କ ସହ ସତୀ କାନ୍ଦୁଥା'ନ୍ତି ।)

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ମଞ୍ଚର ଗୋଟିଏ ପଟେ ଉତ୍କଳର ଗଜପତି ମହାରାଜାଙ୍କ ଶୟନ କକ୍ଷ । ପଲଙ୍କରେ ଗଜପତି ଶୋଇଥିଲେ । ଅନ୍ୟ ପଟେ ବନ୍ଦିଶାଳା । ବନ୍ଦିଶାଳାରେ ଆବଦ୍ଧ ହୋଇ ପଡ଼ିରହିଥିଲେ ବନ୍ଧୁ ମହାନ୍ତି ।]

ବନ୍ଦିଶାଳା

ବନ୍ଧୁ : ପ୍ରଭୁ, ଶେଷରେ ଏଇ କ'ଣ ମୋ' ଭକ୍ତିର ପୁରସ୍କାର ? ତମ ପାଦପଦ୍ମକୁ ଚିନ୍ତା କରିବା ଛଡ଼ା ମୋର ଅନ୍ୟ କୌଣସି ପନ୍ଥା ନାହିଁ । ମହାପ୍ରସାଦ ଭୋଜନ କରିବାକୁ ସୁଯୋଗ ଦେଇ ଯେଉଁ ସୁଖ ଦେଇଥିଲ ସେତକ ଛଡ଼େଇ ନେଇ ଏ ଦଣ୍ଡ ଦେଲ । ଯାହା ଦୁଃଖ ମିଳୁଛି ମିଳୁ ପଛେ ତୁମ ଛଡା ମୁଁ ଆଉ କାହାକୁ ଡାକିପାରିବି ନାହିଁ । ତୁମର ପାଦତଳେ ଶରଣ ପଶୁଛି ପ୍ରଭୁ !

ଶୟନ କକ୍ଷ

(ପ୍ରଭୁ ଜଗନ୍ନାଥ ଆସି ଦର୍ଶନ ଦେଇଛନ୍ତି ରାଜାଙ୍କୁ ସ୍ୱପ୍ନରେ ।)

ଜଗନ୍ନାଥ ଶୁଣ ରାଜା ।

ରାଜା : କୁହନ୍ତୁ ପ୍ରଭୁ ।

ଜଗନ୍ନାଥ ମୋର ପରମ ଭକ୍ତ ପରମ ବନ୍ଧୁ ଯାଜପୁରର ବନ୍ଧୁ ମହାନ୍ତିଙ୍କୁ ତମ ଲୋକମାନେ ବିନା କାରଣରେ ବନ୍ଦୀ କରି ରଖିଛନ୍ତି । ତା'ର କିଛି ଦୋଷ ନାହିଁ । ଭୋକ ଉପାସରେ ମେଘନାଦ ପାଚେରୀ କଡ଼ରେ

Digitized by PPRACHIN, SOA

ଶୋଇଥିଲେ ତା' ପରିବାର । ମୁଁ ତାକୁ ରତ୍ନଥାଳିରେ ପ୍ରସାଦ ନେଇ ଦେଇଥିଲି । ତମ ଲୋକମାନେ ରତ୍ନଥାଳି ଚୋରି କରିଛି ବୋଲି ତାକୁ ମାଡ଼ ମାରିଲେ । ଅଯଥାରେ ତାକୁ ବନ୍ଦିଶାଳାରେ ରଖି ଦଣ୍ଡ ଦେଉଛନ୍ତି ।

ରାଜା ସେ ଲୋକ ରତ୍ନଥାଳି ଚୋରି କରି ନାହିଁ ପ୍ରଭୁ ?

ଜଗନ୍ନାଥ ନାଁ, ସେ ମୋ'ର ପରମ ଭକ୍ତ । ତମେ ଯାଇ ଖୁବ୍ ଶୀଘ୍ର ତାକୁ ମୁକ୍ତି ଦିଅ । ତାକୁ କ୍ଷମା ମାଗ । ତା' ମଥାରେ ଶିରପା ବାନ୍ଧି ତା'ପାଇଁ ସ୍ଥାୟୀ ବ୍ୟବସ୍ଥା କର ।

ରାଜା ପ୍ରଭୁ ! ଆପଣଙ୍କ ଆଦେଶ ମୋ'ର ଶିରୋଧାର୍ଯ୍ୟ । ରାତି ପାହିଲେ ଭକ୍ତ ବନ୍ଧୁ ମହାନ୍ତିଙ୍କ ପାଖକୁ ଯାଇ ସବୁ ବନ୍ଦୋବସ୍ତ କରିବି ପ୍ରଭୁ ।

ବନ୍ଦିଶାଳା

(ସମୟ ସକାଳ)

ରାଜା (ପ୍ରବେଶି) ଆରେ କିଏ ଅଛରେ ପ୍ରହରୀ !

ପ୍ରହରୀ ହଜୁର ।

ରାଜା ଖୁବ୍ ଶୀଘ୍ର ବନ୍ଦିଶାଳା ଖୋଲ । ପାଟ, ଶିରପା, ପୂଜାଥାଳି ଆଣ । ବନ୍ଧୁ ମହାନ୍ତିଙ୍କ ସ୍ତ୍ରୀ, ପିଲାମାନଙ୍କୁ ଖୋଜିଆଣ । (ପ୍ରହରୀ ବନ୍ଦିଶାଳା ଖୋଲିଛି । ଭିତରକୁ ଯାଇ ପାଟ ଶିରପା, ପୂଜାଥାଳି ଆଣି ଆସିଛି ।) କ୍ଷମା କରନ୍ତୁ ଭକ୍ତଶ୍ରେଷ୍ଠ । ଆପଣ ପ୍ରଭୁ ଜଗନ୍ନାଥଙ୍କ ପରମ ଭକ୍ତ । ଆପଣଙ୍କୁ ଜାଣି ନପାରି ମୋ ସେବକମାନେ ଦଣ୍ଡ ଦେଇଛନ୍ତି । ଆପଣ ସେମାନଙ୍କୁ ମଧ୍ୟ କ୍ଷମା କରିଦିଅନ୍ତୁ ।

ବନ୍ଧୁ : ନାଁ ଗଜପତି ମହାରାଜ । ସେମାନଙ୍କର କିଛି ଦୋଷ ନାହିଁ । ଆପଣଙ୍କର ମଧ୍ୟ ଦୋଷ ନାହିଁ । ସବୁ ଦୋଷ ମୋ ଭାଗ୍ୟର ।

ରାଜା ଆପଣ ମହାନ୍ । ଆପଣ ଅତ୍ୟନ୍ତ ଉଦାର । ଆପଣଙ୍କ ମଥାରେ ଆଜି ପାଟ ଶିରପା ବାନ୍ଧି ମୁଁ ନିଜକୁ ଭାଗ୍ୟବାନ ମନେକରୁଛି । (ପୂଜା ଥାଳିରୁ ଫୁଲ ଓ ଚନ୍ଦନ ଆଣି ବନ୍ଧୁଙ୍କ ମଥାରେ ଦେଇଛନ୍ତି । ପାଟ ଶିରପା ବାନ୍ଧିଛନ୍ତି । ଦୀପଥାଳିରେ ବନ୍ଦେଇଛନ୍ତି । ଏତିକିବେଳେ ବନ୍ଧୁଙ୍କ ସ୍ତ୍ରୀ ଓ ପିଲାଙ୍କୁ ଆଣି ପହଞ୍ଚିଛନ୍ତି

Digitized by PPRACHIN, SOA

ରାଜ କର୍ମଚାରୀ । ସମସ୍ତଙ୍କୁ ନବବସ୍ତ୍ର ପରିଧାନ କରିବାକୁ ଦିଆଗଲା ।)

ଆପଣ ଆଜିଠାରୁ ବଡ଼ଦେଉଳରେ ପାଞ୍ଜିକାର ଭାବେ ନିଯୁକ୍ତ ହେଲେ । ପରମ୍ପରା ଅନୁସାରେ ଯୁଗ ଯୁଗ ଧରି ଆପଣଙ୍କ ବଂଶଧରମାନେ ଏହି ନିଯୁକ୍ତି ପାଇ ଚାଲିଥିବେ । ଆପଣଙ୍କ ରହିବା ପାଇଁ ଦେଉଳର ଦକ୍ଷିଣ ପାର୍ଶ୍ୱରେ ବ୍ୟବସ୍ଥା କରାଯିବ । ଆପଣ ପରିବାର ସହ ସେଇଠି ରହିବେ । କାଳ କାଳକୁ ଆପଣଙ୍କ ପରିବାର ପାଇଁ ଭୋଗ ଖଞ୍ଜା ହୋଇ ରହିଥିବ ।

ବନ୍ଧୁ : (ଯୋଡ଼ହସ୍ତ ହୋଇ) ଧନ୍ୟ ମହାପ୍ରଭୁ ! ଧନ୍ୟ ତୁମର କରୁଣା । ଜୟ ଜଗନ୍ନାଥ ।

– ପରଦା ନଇଁ ଆସିଛି –

Digitized by PPRACHIN, SOA

ସୁନାପିଲା ଆମ ସାନନାତି

ପ୍ରଥମ ଦୃଶ୍ୟ

[ବୈଠକ ଘରେ ବସିଥିଲେ ସୁଧାକର ବିଶ୍ୱାଳ । ବୟସ ଅଶୀବର୍ଷ । ନିଜର ପରିଶ୍ରମ ବଳରେ ସେ ବହୁ ସମ୍ପତ୍ତିର ମାଲିକ । କାଗଜପତ୍ର ଦେଖି ସୁଧାକର ସବୁ ସମ୍ପତ୍ତିର ତାଲିକା କରୁଥିଲେ । ଏତିକିବେଳେ ତାଙ୍କ ପତ୍ନୀ କୁନ୍ତଳାଦେବୀ ଆସି ପହଞ୍ଚିଲେ ।]

କୁନ୍ତଳା ଏଠି ବସି କ'ଣ କରୁଛ ?

ସୁଧାକର ନାତିମାନଙ୍କ ମଧ୍ୟରେ ସମ୍ପତ୍ତି ବାଣ୍ଟୁଛି ।

କୁନ୍ତଳା ଏଇ ଦିନୁ ସମ୍ପତ୍ତି ଭାଗ ଭାଗ କରିଦେବ ?

ସୁଧାକର ଆମେ ତ ପାଚିଲା ତାଳ । କେତେବେଳେ ଝଡ଼ିପଡ଼ିବା ତା'ର ହିସାବ ନାହିଁ । ଏବେଠୁ ସମ୍ପତ୍ତି ବାଣ୍ଟିଦେବା ଭଲ । ନହେଲେ ଭବିଷ୍ୟତରେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇପାରେ ।

କୁନ୍ତଳା (କାନ୍ଦି ପକାଇଲେ) ଆମ ପୁଅ ବଞ୍ଚିଥିଲେ ଆମକୁ ଏସବୁ କରିବାକୁ ପଡ଼ନ୍ତାନାହିଁ । ଦଇବ ଆମଠୁ ତାକୁ ଛଡ଼େଇ ନେଇ କି ଲାଭ ପାଇଲା କେଜାଣି ?



Digitized by PPRACHIN, SOA

ସୁଧାକର ଛାଡ଼ ସେକଥା । ଆମେ ସିନା ପୁଅକୁ ଜନ୍ମଦେଲେ । ହେଲେ ତା ଭାଗ୍ୟ ତ ଆମ ହାତ କଥା ନୁହେଁ ।

କୁନ୍ତଳା ସେଦିନ କଥା ମନେ ପଡ଼ିଲେ ମୋ ଛାତି ଥରିଯାଏ । ଗାଡ଼ିରେ ବସି ପୁଅବୋହୂ ଘରୁ ବାହାରିଗଲେ । କିଛି ସମୟ ଯାଇଛିକି ନାହିଁ, ତାଙ୍କ ଦିହିଁଙ୍କ ମଲାଦେହ ଆସି ପହଞ୍ଚିଲା । ମୋର ତ ସବୁଯାକ ସୁଖ ସେଇଦିନ ସରିଗଲା ।

ସୁଧାକର ଆଉ ସେକଥା ଭାବି ଲାଭ ନାହିଁ । ସେମାନେ ଛାଡ଼ି ଚାଲିଯାଇଥିବା ଏ ତିନିଟି ପିଲାଙ୍କ ଦାୟିତ୍ୱ ଆମକୁ ବୁଝିବାକୁ ହେବ ।

କୁନ୍ତଳା ମୁଁ ତ ଏଇ ତିନିନାତିଙ୍କ ମୁହଁକୁ ଚାହିଁ ବଞ୍ଚିଛି । ସେମାନେ ନଥିଲେ ମତେ ସବୁ ଦିଗ ଅନ୍ଧାର ଦିଶୁଥା'ନ୍ତା ।

ସୁଧାକର ଏମାନେ କେମିତି ଭବିଷ୍ୟତରେ ଭଲରେ ଚଳିବେ । ନିଜ ନିଜ ମଧ୍ୟରେ ଝଗଡ଼ା କରିବେ ନାହିଁ । ସେଇକଥାହିଁ ମୁଁ ଚିନ୍ତା କରୁଛି ।

କୁନ୍ତଳା ଭଲକଥା । ତମଇଚ୍ଛା ଯାହା କରୁଛ କର । ମୋ ମନ କିନ୍ତୁ ମାନୁନାହିଁ । ଏଇ ଦିନୁ ଜମିରେ ବାଡ଼ ଦେବାଟା ଦୁନିଆକୁ ସୁନ୍ଦର ଦିଶିବତ ?

ସୁଧାକର ଜାଣିଛ, ଏଇ ସମ୍ପତ୍ତି ବଣ୍ଟାକୁ ନେଇ କେତେ ଝଗଡ଼ା ଲାଗୁଛି ଭାଇ ଭାଇ ଭିତରେ ? ମୁଣ୍ଡର ଝାଳ ତୁଣ୍ଡରେ ମାରି ମୁଁ ଏ ସମ୍ପତ୍ତି ବଢ଼େଇଛି । ଆମେ ମରିଗଲେ ଏମାନେ ପରସ୍ପର ଭିତରେ ଝଗଡ଼ା କରିବେ । ଏଇଟା ଠିକ୍ ହେବ ନାହିଁ ।

କୁନ୍ତଳା ଠିକ୍ ଅଛି । ଏବେଠୁ ବାଣ୍ଟିଦିଅ । ସମାନ ଭାବରେ ବାଣ୍ଟୁଛ ତ ? ଆଛା କହିଲ, ଆମର ସେ ବଡ଼ ବଗିଚାଟା କାହା ଭାଗରେ ପଡୁଛି ? ବଡ଼ ନାତିକି ସେଇଟା ମିଳିବା କଥା ।

ସୁଧାକର (ଅଳ୍ପ ହସିଲେ) ଚାରି ଏକର ପରିମାଣର ମୂଲ୍ୟବାନ ବଗିଚା । ଏ ଖଣ୍ଡମଣ୍ଡଳରେ ଏମିତି ବଗିଚା ନାହିଁ । ବହୁ ଦରକାରୀ ଫଳ-ଫୁଲଗଛ ଭର୍ତ୍ତି ହୋଇଛି । କୋଡିଏ ତିରିଶି ହଜାର ଟଙ୍କା ବର୍ଷକୁ ଆମେ ପାଉଛେ ଏଥିରୁ । ଏ ମୂଲ୍ୟବାନ ବଗିଚା ମୁଁ ଜଣେ ଯୋଗ୍ୟ ନାତିକି ଦେବି ।

କୁନ୍ତଳା ଆଚ୍ଛା, ସେ ଯୋଗ୍ୟ ନାତିଟି କିଏ ?

ସୁଧାକର ଏତେଶୀଘ୍ର ନିର୍ଣ୍ଣୟ କରିହେବ ନାହିଁ । ସେଥିପାଇଁ ଏକ ପରୀକ୍ଷା ଦରକାର ।

କୁନ୍ତଳା ଏ ପରୀକ୍ଷା ତାହାଲେ କେଉଁଦିନ ହେଉଛି ଶୁଣେ ?

ସୁଧାକର ଆସନ୍ତାକାଲି, ତମ ଉପସ୍ଥିତିରେ । ଆଜି କହିଦିଅ ସେମାନଙ୍କୁ । ଜଣଜଣ କରି କାଲି ସକାଳେ ଆମ ଦୁହିଁଙ୍କୁ ଏଇ ଘରେ ସେମାନେ ଭେଟିବେ ।

Digitized by PPRACHIN, SOA

କୁନ୍ତଳା ହଉ ହେଲା । ଚାଲ ଏଥର ଖାଇବ ।

(ଦୁହେଁ ଉଠି ଠିଆ ହେଲେ ଯିବା ପାଇଁ । ମଞ୍ଚ ଅନ୍ଧାର ହେଲା)

ଦ୍ୱିତୀୟ ଦୃଶ୍ୟ

[ସୁଧାକର ବିଶ୍ୱାଳଙ୍କ ଘର ଅଗଣା । ବଡନାତି ସୁମନ୍ତ, ମଝିଆଁ ସୁକାନ୍ତ, ସାନ ସିଦ୍ଧାନ୍ତ ବିଦ୍ୟାଳୟରୁ ଆସି ଖେଳିବାକୁ ବାହାରିଛନ୍ତି ।]

ସୁମନ୍ତ ବୁଝିଲୁ ସୁକାନ୍ତ ଆମ ଶ୍ରେଣୀରେ ଆଜି ଗୋଟିଏ ଅଦ୍ଭୁତ ଘଟଣା ଘଟିଛି ।

ସୁକାନ୍ତ ଭାଇ, କ'ଣ ସେ ଘଟଣା ?

ସୁମନ୍ତ ଜଣେ ପିଲାକୁ ସାର୍ ରାଗିକରି କହିଲେ, କାଲି ତୋ'ବାପାଙ୍କୁ ଡାକିଆଣିବୁ । ସେ ପିଲା କ'ଣ କହିଲା ଜାଣିଛୁ ?

ସୁକାନ୍ତ କ'ଣ କହିଲା ?

ସୁମନ୍ତ କହିଲା, ମୋ ବାପା ଯଦି ଆସିବେ, ମୁଁ ଆସିପାରିବି ନାହିଁ ।

ସୁକାନ୍ତ ଏ କଥା କହିବାର ଅର୍ଥ ?

ସୁମନ୍ତ ସାର୍ ତାକୁ ପଚାରିଲେ, କିରେ କାହିଁକି ? ସେ ସଙ୍ଗେ ସଙ୍ଗେ ଉତ୍ତର ଦେଲା, ଆମର ଗୋଟିଏ ହଳ ଚପଲ । ବାପା ଯଦି ଆସିବେ ମୁଁ କ'ଣ ଖାଲି ପାଦରେ ଆସିବି ?

ସୁକାନ୍ତ (ହସିଲା) ସାର୍ ତ ରାଗିଯାଇଥିବେ ତା' ଉପରେ ?



ସୁମନ୍ତ ରାଗିବେ କ'ଣ ? ସବୁ ପିଲା ଓ ସାର୍ ଠୋ-ଠୋ ହସିଲେ ଦଶ ମିନିଟ୍ ଯାଏଁ ।

ସୁକାନ୍ତ ହସିବା କଥା । ହଳେ ଚପଲକୁ ବାପ-ପୁଅ ଉଭୟେ ପିନ୍ଧନ୍ତି, ଏମିତି କଥା ଆଗରୁ ଶୁଣିନଥିଲି । (ଦୁହେଁ ହସିଛନ୍ତି)

Digitized by PPRACHIN, SOA

ସିଦ୍ଧାନ୍ତ	(ପ୍ରତିବାଦ କରି) ହଁ କ'ଣ ହେଲା, ସେ ଗରିବ ପିଲା ହୋଇଥିବ । ତାଙ୍କର ଅଧିକ ଚପଲ କିଣିବାକୁ ପାଖରେ ପଇସା ନଥିବ । ତାକୁ ଏମିତି ଥଟ୍ଟା କରିବା ଠିକ୍ ନୁହେଁ ।
ସୁମନ୍ତ	ଆମେତ କାହାକୁ ଥଟ୍ଟା କରିନୁ, ତୁ ଏମିତି କହିଲୁ କାହିଁକି ?
ସିଦ୍ଧାନ୍ତ	ତମେ ଦି'ଜଣ ହସିଲ କାହିଁକି ? ଜାଣିଛ, ଗରିବ ନୀରିହଙ୍କୁ ଥଟ୍ଟା କରିବା ଠିକ୍ ନୁହେଁ ।
ସୁକାନ୍ତ	ବାଃ, ଆସିଗଲେ ସାଧୁପୁରୁଷ ।
ସୁମନ୍ତ	ଯାଉନୁ ହିମାଳୟରେ ରହିବୁ ।
ସିଦ୍ଧାନ୍ତ	ତମେ ଦି'ଜଣ ଯାଉନ ।
କୁନ୍ତଳା	(ପ୍ରବେଶ କଲେ) ଆରେ ଆରେ, ଏମିତି ଚିଡ଼ିଯାଉଛୁ କାହିଁକି ନାତି ?
ସିଦ୍ଧାନ୍ତ	ଜେଜେମା ପଚାର ସେ ଦି'ଜଣଙ୍କୁ । ଗରିବ ପିଲାର କଥାକୁ କେମିତି ଥଟ୍ଟା କରୁଛନ୍ତି ।
କୁନ୍ତଳା	ହଉ ହେଲା । ଖେଳିବାକୁ ଯିବ ପରା, ଯାଅ । ହଁ ଶୁଣ, କାଲି ସକାଳେ ଜଣ ଜଣ କରି ଦାଣ୍ଡ ଘରକୁ ଯିବ । ଜେଜେ ଆଉ ମୁଁ ଥିବୁ । ତମମାନଙ୍କୁ ଜେଜେ ଗୋଟିଏ କଥା କହିବେ ।
ସୁମନ୍ତ	କି କଥା ଜେଜେମା ?
କୁନ୍ତଳା	ତମେ କାଲି ବଳେ ଜାଣିଯିବ ।
ସୁକାନ୍ତ	ଆମେ ଯିବୁ ଜେଜେମା' ।
କୁନ୍ତଳା	ମୁଁ ତେବେ ଆସୁଛି ।
	(କୁନ୍ତଳା ଯାଇଛନ୍ତି । ତିନିଜଣ ନାତି ଖେଳିବାକୁ ଚାଲିଯାଇଛନ୍ତି)



Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ସମୟ-ସକାଳ । ବୈଠକ ଘରେ ବସିଛନ୍ତି ସୁଧାକର ବିଶ୍ୱାଳ ଓ ତାଙ୍କର ସ୍ତ୍ରୀ । ଆସି ପହଞ୍ଚିଲା ବଡ଼ନାତି ସୁମନ୍ତ ।]

ସୁଧାକର — ଆସ ସୁମନ୍ତ । ସେଇଠି ବସ ।

ସୁମନ୍ତ — (ବସିଲାପରେ) ଜେଜେ କହିଲ ଦେଖି । କ'ଣ ଦରକାର ପଡ଼ିଲାଯେ, ଜେଜେମା' କହିଲେ ଆପଣଙ୍କୁ ସାକ୍ଷାତ କରିବାକୁ ?

ସୁଧାକର — ମୋ ଡାକିବାର କାରଣ ହେଲା - ଆମେ ଦୁହେଁ ବୁଢ଼ାବୁଢ଼ୀ ହେଲୁ । ଆମ ପରେ ସମ୍ପତ୍ତିକୁ ନେଇ ତମ ତିନିଜଣଙ୍କ ମଧ୍ୟରେ କେତେବେଳେ ଝଗଡା ହୋଇପାରେ । ତେଣୁ ଏବେଠୁ ସମ୍ପତ୍ତି ବଣ୍ଟା ହୋଇଯିବା ଉଚିତ ହେବ ।

ସୁମନ୍ତ — ଆପଣ ତ ବାଣ୍ଟିଦେବେ । ଆମକୁ ଡାକିବା କ'ଣ ଦରକାର ?

ସୁଧାକର — ଯାହା ଭାଗରେ ଯାହା ପଡ଼ିବ ତାଲିକା ସରିଛି । ତିନିଦିନ ପରେ କାଗଜପତ୍ର ହୋଇଯିବ । ହେଲେ ଗୋଟିଏ କଥା । ତୋ ଭାଗ ଜମିନେଇ ଭବିଷ୍ୟତରେ ତୁ କ'ଣ କରିବୁ ଆମ ଦୁହିଁଙ୍କୁ କୁହ ?

ସୁମନ୍ତ — ମଫସଲରେ ଏ ସବୁର ଆଉ ମୂଲ୍ୟ ନାହିଁ । ମୋ ଭାଗ ଜମିତକ ମୁଁ ବିକିଦେବି । ଯାହା ପାଇବି ତାକୁ ନେଇ ସହରରେ କୋଠା କିଣିବି । ଅଧେ ଘର ଭଡ଼ା ଦେବି । ଆଉ ଅଧେ ଘରେ ନିଜେ ରହିବି । ଗୋଟିଏ ବଡ଼ ବ୍ୟବସାୟ କରିବି । ତୁମ ଦୁହିଁଙ୍କୁ ମଝିରେ ମଝିରେ ଡାକିବି ସହରକୁ । ତୁମେମାନେ ବୁଲିଯିବ ସହର ।

କୁନ୍ତଳା — (ଖୁସିହୋଇ) ଏଇଟି ମୋର ସୁନାନାତି । ଆମକୁ ସହର ବୁଲେଇବ କହୁଛି ।

ସୁଧାକର — ସୁମନ୍ତ ତୁ ଏଥର ଯାଆ । (ସୁମନ୍ତ ଚାଲିଯାଇଛି)

କୁନ୍ତଳା — ହେଇଟି ଶୁଣୁଛ, ବଡ଼ନାତି ଠିକ୍ କହୁଛି । ତା'କୁ ସେ ବଗିଚା ଦେଇଦିଅ ।

Digitized by PPRACHIN, SOA

ସୁଧାକର	(ବିରକ୍ତ ହେଲେ) ହଇହେ, ଦୁଇଦିନ ପାଇଁ ସହର ବୁଲିଗଲେ ବାକି ଦିନଗୁଡ଼ାକ ତମେ ଖୁସିରେ ରହିପାରିବ ତ ? ତୁମକୁ ସେ ସବୁଦିନ ପାଖରେ ରଖିବାକୁ ଚାହୁଁନାହିଁ ଯେ ! (କୁନ୍ତଳା ଦେବୀଙ୍କ ମୁହଁ ଫିକା ପଡ଼ିଗଲା । କିଛି ସମୟ ପରେ ମଝିଆଁ ନାତି ସୁକାନ୍ତ ଆସିଲା ।)
ସୁଧାକର	ବସ ସୁକାନ୍ତ ।
ସୁକାନ୍ତ	(ବସିଲା ପରେ) ମତେ କାହିଁକି ଖୋଜୁଥିଲେ ଜେଜେ ?
ସୁଧାକର	ଆମର ଯାହା ଜମିବାଡ଼ି ଅଛି, ତା'କୁ ମୁଁ ତିନିଜଣଙ୍କ ମଧ୍ୟରେ ବାଣ୍ଟିଦେବାକୁ ଚାହୁଁଛି ।
ସୁକାନ୍ତ	ଆପଣ ବାଣ୍ଟିଦେବେ । ମତେ ଡାକିବା କ'ଣ ଦରକାର ?
ସୁଧାକର	ମୁଁ ବାଣ୍ଟିସାରିଛି । ଖାଲି କାଗଜପତ୍ର ହେବାକୁ ବାକିରହିଛି । ଆଛା କହିଲୁ, ତୋ ଭାଗ ଜମିବାଡ଼ିକୁ ନେଇ ତୁ କ'ଣ କରିବୁ ?
ସୁକାନ୍ତ	(କିଛି ସମୟ ଭାବି) ଚାଷବାସରେ ଆଉ ଫାଇଦା ନାହିଁ । ଜମିତକ ଭାଗ ଲଗେଇଦେବି । ଜମିର କାଗଜପତ୍ର ବନ୍ଧକ ଦେଇ ବ୍ୟାଙ୍କରୁ ଋଣ ଆଣିବି । ସେହି ଋଣ ଟଙ୍କାରେ ଗୋଟିଏ ବସ୍ କିଣିବି । ବସ୍ ଚାଲିବ ସହରରୁ ଗାଁ, ଗାଁରୁ ସହର । ମୁଁ ସହରରେ ରହିବି । ମଝିରେ ମଝିରେ ଗାଁକୁ ଆସିବି । ସେତେବେଳେ ତମ ପାଇଁ ରସଗୋଲା ଆଣିବି ।
କୁନ୍ତଳା	(ଖୁସିହୋଇ) ମୋ ସୁନାନାତି, ମୋ ପାଇଁ ସହରରୁ ରସଗୋଲା ଆଣିବ କହୁଛି ।
ସୁଧାକର	ସୁକାନ୍ତ ତୁ ଯାଆ ଏଥର । (ସୁକାନ୍ତ ଚାଲିଯାଇଛି)
କୁନ୍ତଳା	ହେଇଟି ଶୁଣୁଛ । ଏଇ ମଝିଆ ନାତି ନାଁରେ ସେ ବଗିଚା କରିଦିଅ ।
ସୁଧାକର	(ହସିଲେ) ରସଗୋଲା ଖାଇବାକୁ ଲାଳ ଗଡ଼ିଲାଣି କି ତୁମର ?
କୁନ୍ତଳା	ରସଗୋଲା ଖାଇବା ପାଇଁ ମୋର ଲାଳଗଡ଼େ, ଏକଥା କ'ଣ ତମେ ଜାଣିନ ? ପିଲାବେଳୁ ମୋର ରସଗୋଲା ପ୍ରତି ଆଗ୍ରହ ।
ସୁଧାକର	ଏ ଟୋକା ତ ଆମ ପାଖରେ ରହିବ ନାହିଁ କହୁଛି । ଆମେ ଅଚଳ ହେଲେ ଆମ ସେବା କରିବ କିଏ ? ବହୁଦିନର କଷ୍ଟଯନ୍ତ୍ରଣା ଗୋଟିଏ ଦିନର ରସଗୋଲାରେ ଲାଘବ ହେବ କି ? (କୁନ୍ତଳାଦେବୀ ମୁହଁ ତଳକୁ କରିଦେଲେ । କିଛି ସମୟପରେ ସାନନାତି ସିଦ୍ଧାନ୍ତ ଆସିଲା ।)
ସୁଧାକର	ଆସ ସିଦ୍ଧାନ୍ତ, ଏଇଠି ବସ ।
ସିଦ୍ଧାନ୍ତ	ନା, ମୁଁ ଏଠି ଠିଆ ହୋଇଛି । ଆପଣ ଦି'ଜଣ ଗୁରୁଜନ ବସିଛନ୍ତି । ମୁଁ ସେଇଠି ବସିଲେ ଆପଣଙ୍କୁ ଅସମ୍ମାନ ହେବ । ମୁଁ ଏଇଠି ଠିଆ ହୋଇରହୁଛି ।
କୁନ୍ତଳା	ବସୁନୁ ବସ । ଆରେ ଠିଆ ହେଇ ରହିବୁ କାହିଁକି ?

Digitized by PPRACHIN, SOA

ସିଦ୍ଧାନ୍ତ	ନା' ଜେଜେମା । ମୁଁ ଠିଆ ହେଇ ରହିଲେ କିଛି ଅସୁବିଧା ହେବନାହିଁ । ଏଥର କହନ୍ତୁ ମତେ କାହିଁକି ଡକାଇଛନ୍ତି ?

ସୁଧାକର	ଆମର ସବୁ ଜମିବାଡ଼ି ତମ ତିନିଜଣଙ୍କ ଭିତରେ ବଣ୍ଟା ହେବ ।

ସିଦ୍ଧାନ୍ତ	ଏସବୁ ବଣ୍ଟାହେବା କ'ଣ ନିହାତି ଦରକାର ? ବଣ୍ଟା ନ ହୋଇ ରହିଲେ କିଛି କ୍ଷତି ହେବ କି ?

ସୁଧାକର	ଆରେ ବାବୁ, ପରେ ସମ୍ପତ୍ତି ପାଇଁ ତମ ଭିତରେ ଝଗଡା ହୋଇପାରେ । ସେଥିପାଇଁ ଆମେ ଏବେଠୁ ବାଣ୍ଟିଦେବାକୁ ଚାହୁଁଛୁ । ଆଛା କହିଲୁ, ତୋ ଭାଗ ଜମିକୁ ନେଇ ତୁ କ'ଣ କରିବୁ ?

ସିଦ୍ଧାନ୍ତ	ମୁଁ ଏ ଭାଗବଣ୍ଟା ସପକ୍ଷରେ ନୁହେଁ । ଆପଣ ପଚାରୁଛନ୍ତି ଯେତେବେଳେ କହୁଛି, ଶୁଣନ୍ତୁ । ମୋ ଭାଗ ଜମିରୁ କିଛି ଚାଷ ପାଇଁ ରଖିବି । ବାକିତକ ଜମିରେ ଗୋଟିଏ ବଡ଼ ବଗିଚା କରିବି । ସେଥିରେ ନାନାପ୍ରକାର ଫୁଲଫଳ ଗଛ ଲଗେଇବି ।

ସୁଧାକର	ଖାଲି ଫୁଲଫଳ ଗଛ ନା ଆଉକିଛି ?

ସିଦ୍ଧାନ୍ତ	ଔଷଧ ଗଛ ବି ଲାଗିବ । ଗଛ ହିଁ ଜୀବନ । ଗଛ ଲୋପ ପାଇବାରୁ ପରିବେଶ ନଷ୍ଟ ହେଉଛି । ଗଛ ଲଗେଇବା ଦ୍ୱାରା ସମସ୍ତଙ୍କର ଉପକାର ହେବ । ଔଷଧ ଗଛ ରୋଗୀମାନଙ୍କ କାମରେ ଲାଗିବ ।

ସୁଧାକର	ଆଉ କ'ଣ ଭାବିଛୁ କହ ?

ସିଦ୍ଧାନ୍ତ	ତମେ ଦି'ଜଣ ବୁଢ଼ାବୁଢ଼ୀ ହେଲଣି । ଏଣିକି ଅଚଳ ହେଇ ପଡ଼ିବ । ତମ ପାଖେ ପାଖେ ରହି ତମର ସେବାକରିବି । ଗାଁ ମୋର ମା' । ଏଇ ଗାଁ ଓ ତମ ଦି'ଜଣଙ୍କୁ ଛାଡ଼ି କୁଆଡେ ଯିବିନି । ତମ ସେବା କଲେ ମତେ ପୁଣ୍ୟ ମିଳିବ । ଗଛ ଲଗେଇଲେ ଧର୍ମ ହେବ ।

କୁନ୍ତଳା	(ପାଟିକରି କହିଲେ) ଠାକୁରେ ତତେ କୋଟି ପରମାୟୁ ଦିଅନ୍ତୁ । ତୁ ଏଥର ଯାଆ । (ସାନନାତି ଚାଲିଯାଇଛି)

ସୁଧାକର	ଆଛା କହିଲ ଏଥର, ଆମ ମୂଲ୍ୟବାନ ବଗିଚାଟି କାହା ଭାଗରେ ପଡ଼ିବା ଉଚିତ ?

କୁନ୍ତଳା	(ବିଳମ୍ବ ନକରି) ସାନନାତି ଭାଗରେ ।

ସୁଧାକର	(ରହସ୍ୟକରି କହିଲେ) ତମେ ଠିକ୍ କଥା ବୁଝିପାର ଯେ, ହେଲେ ଟିକିଏ ଡେରିରେ । (କୁନ୍ତଳାଦେବୀ ଫିକ୍‌କିନା ହସିଦେଲେ । ସୁଧାକର ବି ହସି ଉଠିଲେ ।)

ସୁଧାକର	ବୁଝିଲ କୁନ୍ତଳା । ଶୁଣ ଏଇ କଥାଟି -

"ଜମା ଭଲପାଏ ନାହିଁ ଯିଏ ଗଛକୁ
ଛି କରୁଥାଏ ବୃଦ୍ଧ-ଅକ୍ଷମ ସେବାକୁ
ସୁନାପିଲା କହିବ କେମିତି ତାହାକୁ ?"

କୁନ୍ତଳା	ବଢ଼ିଆ କଥାଟିଏ । ମୋ ମନକୁ ପାଇଲା ।

(ଦୁହେଁ ବାହାରି ଆସୁଥିଲେ, ପରଦା ନଇଁ ଆସିଲା ।)

Digitized by PPRACHIN, SOA

ମହାଯୋଗୀଙ୍କ ବିଚାର

ପ୍ରଥମ ଦୃଶ୍ୟ

[ସହର ଉପକଣ୍ଠରେ ଅବସ୍ଥିତ ଏକ ହିନ୍ଦୁ ବୈଷ୍ଣବ ମଠ । ମଠର ଅଗଣାରେ ବସିଛନ୍ତି ଜଣେ ସିଦ୍ଧଯୋଗୀ । ତାଙ୍କ ସାମ୍ନାରେ ବସିଛନ୍ତି ସେହି ଅଞ୍ଚଳର ମୁଖିଆଙ୍କ ସହ କେତେଜଣ ଭଦ୍ରଲୋକ ।]

ଯୋଗୀ ଆପଣମାନେ ଉପହାର ଦେଇ ମୋତେ ସ୍ୱାଗତ କରିଛନ୍ତି, ଅତିଥି ଭାବରେ ମୋର ଯଥେଷ୍ଟ ସତ୍କାର କରିଛନ୍ତି । ଆପଣମାନଙ୍କ ବ୍ୟବହାରରେ ମୁଁ ସନ୍ତୁଷ୍ଟ । ମୋତେ ଏଠିକି ନିମନ୍ତ୍ରଣ କରିବାର ଅଭିପ୍ରାୟ ଏଥର ପ୍ରକାଶ କରନ୍ତୁ ।

ମୁଖିଆ ମହାଭାଗ, ଆପଣ ହିମାଳୟ ପାଦଦେଶରୁ ଯୋଗ ସାଧନା କରି ଫେରିଛନ୍ତି, ଆପଣ ଜଣେ ସିଦ୍ଧ ମହାଯୋଗୀ, ଏହି ମଠର ଗୋଟିଏ ସମସ୍ୟା ସମ୍ପର୍କରେ ଆପଣଙ୍କୁ ଜଣାଇବାକୁ ଆମ୍ଭେମାନେ ଚାହୁଁଛୁ ।

ଯୋଗୀ କୁହ ବତ୍ସ ! ନିର୍ଭୟରେ ସହ କ'ଣ ଚାହୁଁଛ କୁହ ।

ମୁଖିଆ ମହାଭାଗ, ଆମ ଏ ମଠର ମହନ୍ତ ମହାରାଜଙ୍କର ଏକମାସ ହେଲା ଦେହାନ୍ତ ହୋଇଯାଇଛି, ତା'ଙ୍କ ଅନ୍ତେ ଏଯାଏଁ କାହାକୁ ମହନ୍ତ ରୂପେ ବଛାଯାଇ ନାହିଁ ।

ଯୋଗୀ କିନ୍ତୁ କାହିଁକି ? ପ୍ରଥା ଅନୁସାରେ ଜଣେ ବରିଷ୍ଠ ଯୋଗ୍ୟ ଶିଷ୍ୟ ହିଁ ମହନ୍ତ ହେବା କଥା, ଏଥିରେ ଅସୁବିଧା କ'ଣ ହେଲା ?

ମୁଖିଆ ସତକଥା କହିବାକୁ ଗଲେ, ଏ ମଠରେ ତିନିଜଣ ଶିଷ୍ୟ ଅଛନ୍ତି । ସମସ୍ତେ ଏହି ଆସନ ପାଇଁ ଯୋଗ୍ୟ ବୋଲି ଦାବୀ କରୁଛନ୍ତି । ଥରେ ଏ ଅଞ୍ଚଳର ଜନସାଧାରଣ ଗୋଟିଏ ସଭାରେ ଏକାଠି ହୋଇଥିଲେ । ସଭାରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଲା, କିଛି ସ୍ଥିର ହୋଇପାରିଲା ନାହିଁ ।

ଯୋଗୀ : ଆଚ୍ଛା, ସ୍ୱର୍ଗତ ମହନ୍ତ ମହାରାଜ ପୂର୍ବରୁ କିଛି ଦଲିଲ କାହା ନାମରେ କରିଛନ୍ତି କି ?

ମୁଖିଆ ଆମେ ବହୁତ ଖୋଜାଖୋଜି କଲୁ, କିନ୍ତୁ ସେଭଳି କୌଣସି କାଗଜ ପାଇଲୁ ନାହିଁ ।

Digitized by PPRACHIN, SOA

ଯୋଗୀ	ଏବେ ଆପଣମାନେ କ'ଣ ଚାହୁଁଛନ୍ତି ?
ମୁଖିଆ	ତିନିଜଣ ଶିଷ୍ୟଙ୍କ ମଧ୍ୟରୁ ମହନ୍ତ ହେବା ପାଇଁ ଜଣେ ଯୋଗ୍ୟ ଶିଷ୍ୟ ଆପଣ ବାଛିଦିଅନ୍ତୁ । ଯାହାକୁ ଆପଣ ବାଛିବେ, ଆମେ ସମସ୍ତେ ତାକୁ ମାନିନେବୁ ।
ଯୋଗୀ	(କିଛି ସମୟ ଭାବିଲେ) ଆଚ୍ଛା ଠିକ୍ ଅଛି, ସେ ତିନିଜଣଙ୍କୁ ମୋ ପାଖକୁ ଡାକନ୍ତୁ ।
ମୁଖିଆ	(ବଡ଼ ପାଟିରେ ଡାକିଲେ) ତିନିଜଣଯାକ ଶିଷ୍ୟ ଦୟାପୂର୍ବକ ମହାଭାଗଙ୍କ ସାମ୍ନାକୁ ଆସନ୍ତୁ । (ତିନିଜଣ ଶିଷ୍ୟ ଆସି ଯୋଗୀଙ୍କ ସାମ୍ନାରେ ଉପସ୍ଥିତ ହେଲେ ଓ ଯୋଗୀଙ୍କ ପାଦ ଛୁଇଁ ପ୍ରଣାମ କଲେ ।)
ଯୋଗୀ	: . ଶୁଣ ବତ୍ସ, ପ୍ରତ୍ୟେକଙ୍କୁ ମୁଁ ପାଞ୍ଚଶତ ଟଙ୍କା ଲେଖାଏଁ ପ୍ରଦାନ କରୁଅଛି । ଏହାକୁ ନେଇ ତମେ ଇଚ୍ଛାମୁତାବକ ଖର୍ଚ୍ଚକର । ଦୁଇଦିନ ପରେ ମୋତେ ଏଇଠି ଦେଖା କରିବ । (ନିଜ ପାଖରେ ଥିବା ଟଙ୍କା କାଢ଼ି ଶିଷ୍ୟମାନଙ୍କୁ ଦେଲେ । ସମସ୍ତଙ୍କୁ ଚାହିଁ କହିଲେ) ଏଥର ଆପଣମାନେ ଆସନ୍ତୁ । ଦୁଇଦିନ ପରେ ଆମେ ଏହି ସ୍ଥାନରେ ଏକାଠି ହେବା ।

(ସମସ୍ତେ ଜଣକ ପରେ ଜଣେ ଚାଲିଗଲେ । ମଞ୍ଚ ଅନ୍ଧାର ହେଲା)

ଦ୍ୱିତୀୟ ଦୃଶ୍ୟ

[ମଠ ପରିସରରେ ଗୋଟିଏ କୋଠରୀ । କୋଠରୀରେ ଜଣେ ବୃଦ୍ଧ ତୀର୍ଥଯାତ୍ରୀ ଶୋଇଛନ୍ତି । ତାଙ୍କ ଦେହ ଭୀଷଣ ଖରାପ ହୋଇଛି । ଚିକିତ୍ସା ପାଇଁ ସେ ପ୍ରତ୍ୟେକଙ୍କୁ ଅନୁରୋଧ କରୁଛନ୍ତି, କିନ୍ତୁ କେହି ଶୁଣୁ ନାହାଁନ୍ତି । ଏହି ସମୟରେ ପ୍ରଥମ ଶିଷ୍ୟ ସେହି ରାସ୍ତା ଦେଇ ଆସିଲେ ।]

ତୀର୍ଥଯାତ୍ରୀ	(ଡାକିଲେ) ଟିକିଏ ମୋ କଥା ଶୁଣିବେ ବାବୁ ?
ପ୍ରଥମଶିଷ୍ୟ	(ପାଖକୁ ଯାଇ) କ'ଣ ହୋଇଛି ?
ତୀର୍ଥଯାତ୍ରୀ	ମୋର ଦେହ ଭୀଷଣ ଖରାପ, ଦୟାକରି ମୋର ଚିକିତ୍ସା ବ୍ୟବସ୍ଥା କଲେ ତମର ଧର୍ମ ହୁଅନ୍ତା ।
ପ୍ରଥମଶିଷ୍ୟ	ଶୁଣ ବାବୁ, ମୁଁ ଟିକିଏ ବ୍ୟସ୍ତ ଅଛି । ଆସନ୍ତାକାଲି ଆମର ପରୀକ୍ଷା, ଆଉ କାହାକୁ ନେଇ ଆପଣ ଡାକ୍ତରଖାନା ଚାଲିଯାଆନ୍ତୁ । (ଏହା କହି ସେଠରୁ ଚାଲିଗଲେ । ଦ୍ୱିତୀୟ ଶିଷ୍ୟ ସେହି ରାସ୍ତାଦେଇ ଆସିଲେ ।)
ତୀର୍ଥଯାତ୍ରୀ	କିଏ ଯାଉଛନ୍ତି ?
ଦ୍ୱିତୀୟଶିଷ୍ୟ	କ'ଣ ହେଲା କୁହନ୍ତୁ ?
ତୀର୍ଥଯାତ୍ରୀ	ମତେ ଟିକିଏ ସାହାଯ୍ୟ କରିପାରିବେ ?
ଦ୍ୱିତୀୟଶିଷ୍ୟ	କି ସାହାଯ୍ୟ ମୋ ଠାରୁ ଆପଣ ଚାହୁଁଛନ୍ତି ?
ତୀର୍ଥଯାତ୍ରୀ	ମୋ ଦେହ ଭାରି ଖରାପ, ଚିକିତ୍ସା ନିହାତି ଦରକାର । ମୋତେ ଡାକ୍ତରଖାନା ନେଇ ମୋ ଚିକିତ୍ସା ବ୍ୟବସ୍ଥା କରିଦେଲେ ମୁଁ ଉପକୃତ ହୁଅନ୍ତି ।

Digitized by PPRACHIN, SOA

ଦ୍ୱିତୀୟଶିଷ୍ୟ ମୁଁ ତ ବ୍ୟସ୍ତ ଅଛି କାଲିର ପରୀକ୍ଷା ପାଇଁ । ତେବେ ଅଳ୍ପ ସମୟ ମଧ୍ୟରେ ତମକୁ ଡାକ୍ତରଖାନାରେ ଛାଡ଼ିଦେଇ ଚାଲିଆସି ପାରିବି । ତମେ ସଙ୍ଗେ ସଙ୍ଗେ ବାହାରିପଡ଼ ।

ତୀର୍ଥଯାତ୍ରୀ ଦେଖନ୍ତୁ, ଖାଲି ଛାଡ଼ିଦେଇ ଆସିଲେ ଚଳିବ ନାହିଁ । ମୋ ପାଖରେ ରହିବାକୁ ପଡ଼ିବ । ପଇସାପତ୍ର ମୋ ପାଖରେ ନାହିଁ । ଔଷଧପତ୍ର କିଏ କିଣି ଦେବ ?

ଦ୍ୱିତୀୟଶିଷ୍ୟ ତା'ହେଲେ ମୁଁ ଆସୁଛି, ଆପଣଙ୍କୁ ପଇସାପତ୍ର ସାହାଯ୍ୟ କଲାଭଳି ଶକ୍ତି ମୋର ନାହିଁ । ଆପଣ ଆଉ କାହାର ସାହାଯ୍ୟ ନେଇପାରନ୍ତି । (ଏହା କହି ସେଠାରୁ ଚାଲିଗଲେ, ଏତିକିବେଳେ ତୃତୀୟଶିଷ୍ୟ ସେଠାରେ ପହଞ୍ଚିଲେ)

ତୃତୀୟଶିଷ୍ୟ କ'ଣ ହୋଇଛି ଆପଣଙ୍କର ?

ତୀର୍ଥଯାତ୍ରୀ କହିକି କିଛି ଲାଭ ନାହିଁ । ଯାହାକୁ କହିଲି ସଭିଏଁ ମୁହଁ ବୁଲାଇ ଚାଲିଗଲେ । ତମେ ମଧ୍ୟ ଶୁଣିଲା ପରେ ଏଠାରୁ ଛାଡ଼ି ପଳାଇଯିବ ।

ତୃତୀୟଶିଷ୍ୟ ସମସ୍ତେ ସମାନ ନୁହଁନ୍ତି ମହାଭାଗ, ମୋତେ ସମସ୍ତଙ୍କ ସହ ତୁଳନା କରିବା ଠିକ୍ ନୁହେଁ । ଦୟାକରି ମୋ ପାଖରେ ଆପଣଙ୍କ ଦୁଃଖ ପ୍ରକାଶ କରନ୍ତୁ । ମୁଁ ପ୍ରତିଶ୍ରୁତି ଦେଉଛି, ଯଥାସମ୍ଭବ ଆପଣଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବି । ଆପଣ ମୋତେ ବିଶ୍ୱାସ କରନ୍ତୁ ।

ତୀର୍ଥଯାତ୍ରୀ ମୋର କାଲି ରାତିରୁ ଝାଡ଼ା-ବାନ୍ତି ହେଉଛି । ଜମା ଭଲ ହେଉନାହିଁ । କ'ଣ କରିବି ? କିଛି ଭାବି ପାରୁନାହିଁ । ମୋତେ ଭାରି ଦୁର୍ବଳ ଲାଗୁଛି ।

ତୃତୀୟ ଶିଷ୍ୟ : ଏଇ ସଙ୍ଗେ ସଙ୍ଗେ ଆପଣ ମୋ ସହିତ ଆସନ୍ତୁ । ମୁଁ ଆପଣଙ୍କୁ ଡାକ୍ତରଖାନା ନେଇଯିବି । ଆପଣଙ୍କର ଚିକିତ୍ସା ଦରକାର ।

ତୀର୍ଥଯାତ୍ରୀ ମୋ ପାଖରେ ପଇସାଟିଏ ନାହିଁ ଔଷଧ କିଣିବାକୁ ।

ତୃତୀୟଶିଷ୍ୟ ସେଥିପାଇଁ ଚିନ୍ତା କରନ୍ତୁ ନାହିଁ । ମୁଁ ଅଛି ଆପଣଙ୍କ ସହିତ । ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ । ଆପଣ ଏ ମଠର ଅତିଥି, ଆପଣଙ୍କ ସେବା କରିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ।

ତୀର୍ଥଯାତ୍ରୀ ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ ।

(ତୃତୀୟଶିଷ୍ୟ ତୀର୍ଥଯାତ୍ରୀଙ୍କ ହାତ ଧରି ତଳୁ ଉଠାଇ ବାହାରକୁ ନେଇଗଲେ । ମଞ୍ଚ ଅନ୍ଧାର ।)

ତୃତୀୟ ଦୃଶ୍ୟ

[ମଠର ଅଗଣାରେ ସିଦ୍ଧଯୋଗୀ ବସିଛନ୍ତି । ତାଙ୍କ ସାମ୍ନାରେ ବସିଛନ୍ତି ମୁଖିଆ ଓ ଭଦ୍ରଲୋକ କେତେଜଣ । ଠିଆ ହୋଇଛନ୍ତି ପ୍ରଥମ ଶିଷ୍ୟ ଓ ଦ୍ୱିତୀୟ ଶିଷ୍ୟ ।]

ଯୋଗୀ ଆଚ୍ଛା, ଆଉ ଜଣେ ଶିଷ୍ୟ କାହାନ୍ତି ? ସମୟ ଉଚ୍ଛୁର ହେଉଛି ଯେ ।

ମୁଖିଆ ସବୁ କଥା ତ ସେ ଆଗରୁ ଜାଣିଥିଲେ । ଏହି ସମୟରେ ସେ ଆସି ଉପସ୍ଥିତ ହେବାକଥା, ତାଙ୍କର ବୋଧହୁଏ ସମୟ ଜ୍ଞାନ ନାହିଁ ।

Digitized by PPRACHIN, SOA

ଯୋଗୀ ଆମେ ଆଉ କେତେ ସମୟ ଅପେକ୍ଷା କରିବା ?

ମୁଖିଆ ଆପଣ ଯାହା ଇଚ୍ଛା କରିବେ ।

ଯୋଗୀ ତେବେ ଠିକ୍ ଅଛି, ଆମେ ଏଥର ଆରମ୍ଭ କରିବା, (ପ୍ରଥମ ଶିଷ୍ୟଙ୍କୁ ପାଖକୁ ଡାକିଲେ) ପାଖକୁ ଆସ ବତ୍ସ । ତୁମକୁ ଯେଉଁ ପାଞ୍ଚଶତ ଟଙ୍କା ଦିଆଯାଇଥିଲା, ତାହାକୁ ତମେ କିଭଳି ଭାବରେ ଖର୍ଚ୍ଚ କରିଛ ତା'ର ବିବରଣୀ ଦିଅ ।

ପ୍ରଥମଶିଷ୍ୟ ଖର୍ଚ୍ଚ ନକରି ମୁଁ ପାଞ୍ଚଶତ ଟଙ୍କା ବ୍ୟାଙ୍କରେ ଜମା ରଖିଛି । ସଞ୍ଚୟ କରିବା ଏକ ଭଲ ଗୁଣ । ସଞ୍ଚୟ କରି ମୁଁ ଠିକ୍ କରିଛି । ମୋ ଯୋଗୁଁ ମଠର ସମ୍ପତ୍ତି ରକ୍ଷା ହୋଇପାରିବ । ଏଇ ଦେଖନ୍ତୁ ବ୍ୟାଙ୍କ 'ଜମାଖାତା' ।

ଯୋଗୀ ଆଉ କିଛି କହିବାକୁ ଚାହୁଁଛ ?

ପ୍ରଥମଶିଷ୍ୟ ନାଁ ।

ଯୋଗୀ ତମେ ଏଥର ଆସିପାର, (ଦ୍ୱିତୀୟ ଶିଷ୍ୟଙ୍କୁ ପାଖକୁ ଡାକିଲେ) ବତ୍ସ ପାଖକୁ ଆସି ଖର୍ଚ୍ଚର ବିବରଣୀ ଦିଅ ।

ଦ୍ୱିତୀୟଶିଷ୍ୟ ପାଞ୍ଚଶତ ଟଙ୍କା ବିନିମୟରେ ଗୀତା, ଭାଗବତ ସମେତ କିଛି ଧର୍ମ ପୁସ୍ତକ ମୁଁ ମଠ ପାଇଁ କିଣିଛି । ମୋ ମତରେ ଏହିସବୁ ଧର୍ମ ପୁସ୍ତକ ହିଁ ସବୁଠାରୁ ମୂଲ୍ୟବାନ । ଏହାକୁ ପଢ଼ି ମଠର ଅଧିବାସୀମାନେ ଧର୍ମକାର୍ଯ୍ୟ ପ୍ରତି ମନ ବଳାଇବେ ।

ଯୋଗୀ ଆଉ କିଛି କହିବାକୁ ଚାହୁଁଛ ?

ଦ୍ୱିତୀୟଶିଷ୍ୟ ନାଁ ।

ଯୋଗୀ ତମେ ଏଥର ଆସିପାର ।

(ଏତିକିବେଳେ ତୃତୀୟ ଶିଷ୍ୟ ଆସି ପହଞ୍ଚିଲେ । ତାଙ୍କ ସହ ଅଛନ୍ତି ବୃଦ୍ଧ ତୀର୍ଥଯାତ୍ରୀ)

ତୃତୀୟଶିଷ୍ୟ (ଯୋଗୀଙ୍କୁ ଓ ଉପସ୍ଥିତ ଜନତାଙ୍କୁ ପ୍ରଣାମ କଲେ) ମୋର ଏଠି ଉପସ୍ଥିତ ହେବାର ବିଳମ୍ବ ହୋଇଛି, ସେଥିପାଇଁ ମୁଁ ଦୁଃଖିତ । ଏଇ ବୃଦ୍ଧ ତୀର୍ଥଯାତ୍ରୀଙ୍କୁ ସାହାଯ୍ୟ କରିବାକୁ ଯାଇ ମୁଁ ଠିକ୍ ସମୟରେ ପହଞ୍ଚିପାରିଲି ନାହିଁ । ମୋତେ କ୍ଷମା କରିଦିଅନ୍ତୁ ।

ତୀର୍ଥଯାତ୍ରୀ ହଁ ମହାଭାଗ । ମୋ ଲାଗି ଏ ବାବୁଙ୍କର ବିଳମ୍ବ ହେଲା, ମୁଁ ଆପଣଙ୍କୁ କ୍ଷମା ମାଗୁଛି । ଦୟାକରି ମତେ ଏଠାରେ କିଛି କହିବାକୁ ସୁଯୋଗ ଦିଅନ୍ତୁ ।

ଯୋଗୀ ଯାହା କହିବାକୁ ଚାହୁଁଛ, ଖୁବ୍ ଶୀଘ୍ର ପ୍ରକାଶ କର ବତ୍ସ ।

ତୀର୍ଥଯାତ୍ରୀ ମହାଭାଗ ତୀର୍ଥଯାତ୍ରାରେ ଆସି ମୁଁ ଏ ମଠରେ ରହିଥିଲି । ହଠାତ୍ ମୋର ଦେହ ଅସୁସ୍ଥ ହେଲା, ଜମା ଭଲ ହେଲାନାହିଁ । ଯାହାକୁ କହିଲି କେହି ମୋ କଥା ଶୁଣିଲେ ନାହିଁ । ମୁଁ ମରି ଯାଇଥାନ୍ତି । (ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ।)

Digitized by PPRACHIN, SOA

ଯୋଗୀ　　ହଁ କୁହନ୍ତୁ, ସେଇଠୁ କ'ଣ ହେଲା ?

ତୀର୍ଥଯାତ୍ରୀ　　ଏଇ ବାବୁ ମୋ ପାଖକୁ ଆସି ମୋ ଅବସ୍ଥା ଜାଣିବାକୁ ପାଇଲେ । ସଙ୍ଗେ ସଙ୍ଗେ ମୋତେ ଡାକ୍ତରଖାନା ନେଲେ । ଡାକ୍ତରଙ୍କ ସହ ପରାମର୍ଶ କରି ମୋର ଜରୁରୀ ଚିକିତ୍ସା କରାଇଲେ । ମୁଁ ତାଙ୍କ ଲାଗି ଜୀବନ ଫେରି ପାଇଛି ।

ତୃତୀୟଶିଷ୍ୟ　　ମୋ ପାଖରେ ଥିବା ପାଞ୍ଚଶହ ଟଙ୍କାକୁ ଅନ୍ୟ ଉପାୟ ନ ପାଇ ଏଇ ତୀର୍ଥଯାତ୍ରୀ ମହାଶୟଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ କରିଦେଇଛି ମହାଭାଗ ।

ତୀର୍ଥଯାତ୍ରୀ　　ତୀର୍ଥଯାତ୍ରାରେ ଆସି ମୋ ପାଖରେ ଥିବା ସବୁ ପଇସା ଖର୍ଚ୍ଚ ହୋଇଯାଇଥିଲା । ମୋର ଚିକିତ୍ସା ଓ ଔଷଧ ଖର୍ଚ୍ଚ ସେ ବହନ କଲେ । ଦେହ ଭଲ ହେବାଯାଏଁ ମୋତେ ଜଗି ରହିଲେ । ସେଥିପାଇଁ ମହାଯୋଗୀଙ୍କ ପରୀକ୍ଷା ପ୍ରତି ସେ ଧ୍ୟାନ ଦେଇପାରି ନାହାଁନ୍ତି । ତାଙ୍କୁ କ୍ଷମା କରିଦିଅନ୍ତୁ ମହାଭାଗ । (ଯୋଗୀ କିଛି ସମୟ ଚିନ୍ତା କଲେ)

ମୁଖିଆ　　ମହଭାଗ ଆପଣ ଏଥର ଫଳାଫଳ ଘୋଷଣା କରନ୍ତୁ । ଆଉ ବିଳମ୍ବ କରନ୍ତୁ ନାହିଁ ।

ଯୋଗୀ　　(ପ୍ରସନ୍ନ ହୋଇ) ଏଥର ଶୁଣନ୍ତୁ ଆପଣମାନେ, ଏହି ମଠର ମହନ୍ତ ହେବା ପାଇଁ ଯୋଗ୍ୟ ହେଉଛନ୍ତି ଏଇ ତୃତୀୟ ଶିଷ୍ୟ ।

(ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ଯୋଗୀ ସମସ୍ତଙ୍କୁ ବୁଝାଇଲେ) ଭାଇମାନେ ଅର୍ଥ ସଞ୍ଚୟ କରିବା ଏକ ଭଲ ଗୁଣ । କିନ୍ତୁ ଦରକାର ସମୟରେ ଏହାର ସତ୍ ବିନିଯୋଗ ହେବା ଉଚିତ । ନଚେତ୍ ଏହି ସଞ୍ଚିତ ଅର୍ଥ ମୂଲ୍ୟହୀନ ହୋଇପଡ଼େ ।

ମୁଖିଆ　　ଏହା ସତକଥା ମହାଭାଗ ।

ଯୋଗୀ　　ଧର୍ମ ପୁସ୍ତକ କିଣି ରଖିବା ଏକ ଭଲ ଗୁଣ । କିନ୍ତୁ ଧର୍ମ ପୁସ୍ତକରେ ଥିବା ମର୍ମ ଓ ତତ୍ତ୍ୱକୁ ବ୍ୟବହାରରେ ଆଣି ନ ପାରିଲେ ତାହା ମଧ୍ୟ ମୂଲ୍ୟହୀନ ହୋଇପଡେ । ଧର୍ମ ପୁସ୍ତକକୁ କିଣି ନିଜ ପାଖରେ ଖାଲି ସାଇତି ରଖିବା ଯଥାର୍ଥ ନୁହେଁ ।

ମୁଖିଆ　　ଠିକ୍ କଥା, ଆପଣ ଠିକ୍ କଥା କହୁଛନ୍ତି ।

ଯୋଗୀ　　କିନ୍ତୁ ନିଜ ପାଖରେ ଥିବା ଅର୍ଥର ବିନିଯୋଗରେ ଜଣକର ଜୀବନ ବଞ୍ଚାଇବା ହିଁ ପ୍ରକୃତ ଧର୍ମ ।

ମୁଖିଆ　　ଧନ୍ୟ ଆପଣଙ୍କ ବିଚାର ବୁଦ୍ଧି । ଆପଣ ପ୍ରକୃତରେ ସିଦ୍ଧ ମହାଯୋଗୀ । ଆପଣଙ୍କ ଲାଗି ଏ ମଠର ବଡ଼ ସମସ୍ୟା ଆଜି ସମାଧାନ ହୋଇଗଲା ।

(ଉପସ୍ଥିତ ଜନତା କରତାଳି ଦେଇ ସିଦ୍ଧଯୋଗୀଙ୍କ ବିଚାରକୁ ସମର୍ଥନ କଲେ । ତୃତୀୟ ଶିଷ୍ୟଙ୍କ ଗଳାରେ ଫୁଲମାଳ ପକାଇ ତାଙ୍କୁ ମଠର ମହନ୍ତ ଆସନରେ ବସାଇଲେ ।)

– ଯବନିକା –

Digitized by PPRACHIN, SOA

ଡକ୍ଟର ହେମନ୍ତ କୁମାର ଛୋଟରାୟ

ପ୍ରକାଶିତ ପୁସ୍ତକ ...

ତୁମ କଥା ସତଲୋ ସଙ୍ଗାତ (ଶିଶୁଗଳ୍ପ)

ପଥିକ ଭାଇର ଡାକ (ଶିଶୁ ନାଟକ)

କୁହୁକ କଲମ (ଶିଶୁଗଳ୍ପ)

ବାଘ ବାହାଘର (ପିଲାଙ୍କ କାହାଣୀ)

ଅସତ୍ୟ ଇଲାକାର କାହାଣୀ (ନାଟକ)

ପାଞ୍ଚୋଟି ଏକାଙ୍କିକା (ଏକାଙ୍କିକା ସଂକଳନ)

ଦେଶର ସମ୍ପଦ (ଶିଶୁ କବିତା ସଂକଳନ)

ବିବେକ, ନାଗା ବଗିଚା, ମଧୁବନ, ପୁରୀ-୨

Digitized by PPRACHIN, SOA